ବର୍ଷ-୨୪, ସଂଖ୍ୟା-୨୪୯
ଭୁବନେଶ୍ୱର
୦୯ ଅକ୍ଟୋବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 249
Bhubaneswar
09 October, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ଜାମ୍ମୁ-କାଶ୍ମୀର ଓ ହରିୟାଣା ଫଳାଫଳ

# ଏନ୍‌ସି-କଂଗ୍ରେସ ମେଣ୍ଟକୁ ବହୁମତ, ବିଜେପିର ହ୍ୟାଟ୍ରିକ



**ଜାମ୍ମୁ-କଶ୍ମୀର (୯୦)**

ଜେକେଏନ୍-୪୨
ବିଜେପି-୨୯
ସ୍ୱାଧୀନ -୦୭
କଂଗ୍ରେସ-୦୬
ପିଡିପି-୦୩
ଜେପିସି-୦୧
ସିପିଆଇ(ଏମ)-୧, ଆପ୍-୦୧



**ହରିୟାଣା (୯୦)**

ବିଜେପି-୪୮
କଂଗ୍ରେସ-୩୭
ସ୍ୱାଧୀନ-୦୩
ଆଇଏନ୍ଏଲ୍‌ଡି-୦୨





ନୂଆଦିଲ୍ଲୀ,୮।୧୦: ଆଜି କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ଓ ହରିଆଣା ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସାମନାକୁ ଆସିଛି। ଜାମ୍ମୁ-କାଶ୍ମୀରରେ କେଉଁ ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନଥିବାବେଳେ ଏନ୍‌ସି-କଂଗ୍ରେସ ମେଣ୍ଟ ୯୦ ଆସନରୁ ୪୯ ଟି ଆସନ ଜିଣି ସରକାର ଗଠନ କରିବାକୁ ଯାଉଛନ୍ତି। ଏନ୍‌ସି ସର୍ବାଧିକ ୪୨ଟି ଆସନ ଅକ୍ତିଆର କରିଥିବାବେଳେ ବିଜେପି ୨୯ଟି ଆସନ, କଂଗ୍ରେସ ୬, ପିଡିପି ୩, ଆପ୍ ୧, ସିପିଆଇ(ଏମ) ୧, ଜେପିସି ୧ ଓ ସ୍ୱାଧୀନ ୭ ଆସନରେ ବିଜୟୀ ହୋଇଛନ୍ତି। ସେହିପରି ହରିଆଣାରେ ଏକଜିଟ୍ ପୋଲ୍ ବିଫଳ ହୋଇଛି। ସେଠାରେ ବିଜେପି ୯୦ ଆସନରୁ ୪୮ ଆସନ ଜିଣି ହ୍ୟାଟ୍ରିକ ଅର୍ଜନ କରିଛି। କଂଗ୍ରେସ ୩୭ଟି ଆସନ ଜିଣିଥିବାବେଳେ ଆଇଏନ୍ଏଲଡି ୩, ସ୍ୱାଧୀନ ୩ ଟି ଆସନରେ ବିଜୟୀ ହୋଇଛନ୍ତି।ଦୀର୍ଘ ୧୦ ବର୍ଷ ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ କୌଣସି ଦଳକୁ ପୂର୍ଣ୍ଣସଂଖ୍ୟାଗରିଷ୍ଠତା ମିଳିପାରିନାହିଁ। ତେବେ ଏନସି ଓ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିବାକୁ ଯାଉଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳର ଜମ୍ମୁ-କଶ୍ମୀରର ପ୍ରଥମ ମୁଖ୍ୟମନ୍ତ୍ରୀ ହେବେ ନ୍ୟାଶନାଲ କନଫରେନ୍ସର ସଭାପତି ତଥା ସାଂସଦ ଫାରୁକ ଅବଦୁଲ୍ଲାଙ୍କ ପୁଅ ଓମାର ଅବଦୁଲ୍ଲା। ଫାରୁକ କହିଛନ୍ତି, ଲୋକମାନେ ଜନାଦେଶ ଦେଇଛନ୍ତି। ୨୦୧୯ ଅଗଷ୍ଟ ୫ରେ ନିଆଯାଇଥିବା ନିଷ୍ପତ୍ତି(ଧାରା ୩୭୦ ଉଚ୍ଛେଦ)କୁ ସେମାନେ ଗ୍ରହଣ କରୁ ନଥିବା ପ୍ରମାଣ କରି ଦେଖାଇଛନ୍ତି।ଓମାର ଅବଦୁଲ୍ଲା ବଡ଼ଗାମ ଓ ଗାନ୍ଦେରବଲ ଆସନରୁ ନିର୍ବାଚନ ଲଢୁଥିଲେ। ବଡ଼ଗାମରେ ଆସନରୁ ସେ ୧୮,୪୮୫ ଖଣ୍ଡ ଭୋଟରେ ଜିତିଥିବା ବେଳେ ଗାନ୍ଦେରବଲ ଆସନରେ ୧୫ ରାଉଣ୍ଡ ପରେ ୧୦୫୭୪ ଟି ଭୋଟ ବିଜୟୀ ହୋଇଛନ୍ତି। ସମସ୍ତଙ୍କ ନଜର ପିଡିପି ଉପରେ ଥିବାବେଳେ ଦଳ ଏଥର ଶୋଚନୀୟ ପ୍ରଦର୍ଶନ କରିଛି। ହାର୍ ସ୍ୱୀକାର କରିଛନ୍ତି ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ଝିଅ ଇଲତିଜା ମୁଫତି।

ହରିୟାଣା ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିଛି। ନିର୍ବାଚନ ଆୟୋଗ ୱେବସାଇଟ ଅନୁଯାୟୀ ବିଜେପି ୪୮ଟି ଆସନରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୩୭ ଆସନରେ ବିଜୟୀ ହୋଇଛି। ଏଥିସହ ବିଜେପି ହରିଆଣାରେ ହ୍ୟାଟ୍ରିକ କରିଛି। ଭୋଟ ଗଣତିର ଘଣ୍ଟାଏ ପରେ ଆକଳନ କଂଗ୍ରେସ ସପକ୍ଷରେ ଯାଇଥିବାବେଳେ ଧୀରେଧୀରେ ସବୁ କିଛି ଓଲଟପାଲଟ ହୋଇଯାଇଥିଲା। ତଥାପି କଂଗ୍ରେସ କଡ଼ା ଟକ୍କର ଦେବା ସହ ୩୭ଟି ଆସନରେ ବିଜୟୀ ହୋଇଛି। ଇସିଙ୍କ ଅନୁଯାୟୀ ଆଇଏନଏଲଡି ଦୁଇଟି ଆସନରେ ବିଜୟୀ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନରେ ବିଜୟୀ ହୋଇଛି। ତେବେ ବହୁଜନ ସମାଜ ପାର୍ଟି ଓ ଆପ୍‌କୁ ଶକ୍ତ ଝଟକା ଲାଗିଛି।

# ୨୮୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୧୦(ମହାଭାରତ): ଆଜି ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ବିଭାଗ ଯଥା- ଶକ୍ତି ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଇସ୍ପାତ ଓ ଖଣି ବିଭାଗ ଅଧିନସ୍ଥ ଓଡିଶା ଖଣି ନିଗମରେ ୨୮୨ଜଣ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିରେ ଶକ୍ତି ବିଭାଗରେ ୭୯ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗରେ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶକଙ୍କ ଅଧିନରେ ୩୧ ଜଣ ଜୁନିୟର କ୍ଲର୍କ କମ ଟାଇପିଷ୍ଟ, ଆୟୁଷ ନିର୍ଦ୍ଦେଶକଙ୍କ ଅଧିନରେ ୧୯ ଜଣ ଆୟୁର୍ବେଦ ଅଧ୍ୟାପକ ଓ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱ ବିଦ୍ୟାଳୟରେ ୫୪ ଜଣ କନିଷ୍ଠ ସହାୟକ ନିଯୁକ୍ତି ପାଇଛନ୍ତି ଏବଂ ସେହିପରି ଓଡିଶା ଖଣି ନିଗମରେ କନିଷ୍ଠ ଯନ୍ତ୍ରୀ ମେକାନିକାଲ ୧୯, କନିଷ୍ଠ ଯନ୍ତ୍ରୀ ଇଲେକ୍ଟ୍ରିକାଲ ୧୪, କନିଷ୍ଠ ଯନ୍ତ୍ରୀ ସିଭିଲ ୧୬, କନିଷ୍ଠ ଫାର୍ମାସିଷ୍ଟ ୯ ଏବଂ ଇଲେକ୍ଟ୍ରିସିଆନ ୩୦ ଜଣଙ୍କୁ ନିଯୁକ୍ତି ମିଳିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଥିଲେ ଯେ ନିଜର ପ୍ରତିଭା, ଦକ୍ଷତା, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ଏବଂ ନିଜର ଯୋଗ୍ୟତା ଆଧାରରେ ଏହି ସୋପାନକୁ ଆପଣମାନେ ଅତି ସଫଳତାର ସହିତ ଅତିକ୍ରମ କରିପାରିଛନ୍ତି। ଆପଣ ମାନଙ୍କ ଜୀବନରେ ଆଜିର ଦିନଟି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇ ସ୍ମୃତି ପଟ୍ଟରେ ଆଙ୍କି ହୋଇ ରହିବ। ଆଜି ଆପଣ ମାନେ ଯେଉଁ ନିଯୁକ୍ତି ପତ୍ର ଗ୍ରହଣ କରିଛନ୍ତି ତାହା କେବଳ ଏକ ସରକାରୀ ଚାକିରୀ ନୁହେଁ ବରଂ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବେ କାମ କରିବାର ଏକ ସୁବର୍ଣ୍ଣ ସୁଯୋଗ। ମାନବିକତା ଧର୍ମରେ ବ୍ରତୀ ହୁଅନ୍ତୁ। ନିଜକୁ ଜଣେ ଭଲ ମଣିଷ ଭାବରେ ଗଢ଼ିବା ଦିଗରେ ପ୍ରୟତ୍ନ ହୁଅନ୍ତୁ। ରାଷ୍ଟ୍ର ନିର୍ମାଣ ଓ ଜନସେବାରେ ଆପଣମାନେ ଜଡ଼ିତ ରହି ଦେଶ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ସର୍ବଦା ତତ୍ପର ରୁହନ୍ତୁ। ନିଜକୁ ଜନସେବା ଓ ରାଷ୍ଟ୍ର ଗଠନରେ ସମର୍ପି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# କଂଗ୍ରେସକୁ ସମାଲୋଚନା କଲେ ମୋଦି



**ନୂଆଦିଲ୍ଲୀ,୮।୧୦(ମହାଭାରତ):** ହରିୟାଣାରେ ଲଗାତାର ତୃତୀୟ ଥର ପାଇଁ ବିଜୟ ହାସଲ କରିବା ପରେ ବିଜେପି ଦିଲ୍ଲୀ ସ୍ଥିତ ତାର ମୁଖ୍ୟ କାର୍ଯ୍ୟାଳୟରେ ପାଳନ କରିଛି ବିଜୟୋତ୍ସବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧିତ କରି କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଜେପି ମୁଖ୍ୟାଳୟଠାରେ ଅନୁଷ୍ଠିତ ସମାରୋହରେ ସେ କହିଛନ୍ତି, ନବରାତ୍ରର ପବିତ୍ର ଦିନରେ ହରିୟାଣାରେ ଆମେ ବିଜୟ ହାସଲ କଲୁ। ହରିୟାଣାରେ ସବୁ ବର୍ଗର ଲୋକେ ଆମକୁ ଭୋଟ୍ ଦେଲେ। ହରିୟାଣାର ଗଠନ ୧୯୬୮ରେ ହୋଇଥିଲା। ଏସବୁ ବର୍ଷରେ ଅନେକ ଦଳ ରାଜ୍ୟକୁ ଶାସନ କରିଛନ୍ତି। ହରିୟାଣାରେ ଏପର୍ଯ୍ୟନ୍ତ ୧୩ ଥର ବିଧାନସଭା ନିର୍ବାଚନ ହୋଇଛି। ଏହି ୧୩ ଥର ମଧ୍ୟରୁ ୧୦ ଥର ଏପରି ହୋଇଛି ଯେ ପ୍ରତିଶର ସରକାର ବଦଳିଛି। କିନ୍ତୁ ପ୍ରଥମ ଥର ପାଇଁ ଏପରି ହୋଇଛି ଯେ ଲଗାତାର ୨ଥର କ୍ଷମତାରେ ଥିବା ଦଳକୁ ପୁଣି ଥରେ ହରିୟାଣାବାସୀ କ୍ଷମତା ଅର୍ପଣ କରିଛନ୍ତି। ଏହି ବିଜୟର ପ୍ରଭାବ ବହୁତ ଦୂର ପର୍ଯ୍ୟନ୍ତ ପଡ଼ିବ।

ଭାରତ ବିରୋଧରେ ବିଭିନ୍ନ ଷଡ଼ଯନ୍ତ୍ର ଚାଲିଛି। ଅନ୍ତର୍ଜାତୀୟ ସ୍ତରରେ ଷଡ଼ଯନ୍ତ୍ର ଚାଲିଛି। ଦେଶର ଏକତା, ଅର୍ଥନୀତିକୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର ଚାଲିଛି। ମୁଁ ଦାୟିତ୍ୱର ସହ କହିବି ଯେ କଂଗ୍ରେସ ଏଥିରେ ସାମିଲ ଅଛି। ଆମେ ଭାରତୀୟମାନେ ସଂକଳ୍ପ ନେବା ଉଚିତ ଯେ ଆମେ ଏପରି କୌଣସି ଷଡ଼ଯନ୍ତ୍ରକୁ ସଫଳ କରିବାକୁ ଦେବୁ ନାହିଁ। କିନ୍ତୁ ହରିୟାଣାରେ ଚାଷୀମାନେ କଂଗ୍ରେସକୁ ଉଚିତ ଜବାବ ଦେଲେ। ଯୁବକଙ୍କୁ ବି କଂଗ୍ରେସ ଉସୁକାଇଥିଲା, ସେମାନେ ଉଚିତ ଶିକ୍ଷା ଦେଲେ। ଆଜିର ଫଳାଫଳରୁ ସ୍ପଷ୍ଟ ହୋଇଛି, କଂଗ୍ରେସ ଏବେ ପରଜୀବୀ ପାର୍ଟି। ନିଜ ସହଯୋଗୀ ଦଳକୁ ନିଶ୍ଚିହ୍ନ କରିଦିଏ।



## ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:** ଚିକେନ, ପିଆଜ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ, ରିଫାଇନ୍ ତେଲ, ଗୁଜୁରାତି, ଲବଙ୍ଗ, ଡାଲଚିନି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ। କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନକୁ ଚଳାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।



ଖବର

## ଆଉ ନାହାନ୍ତି ଅଦନାନ ସାମିଙ୍କ ମା'





ଫିଲ୍ମ ଇଣ୍ଡଷ୍ଟ୍ରିରୁ ଆସିଲା ପୁଣି ଥରେ ଦୁଃଖଦ ଖବର। ଆଉ ନାହାନ୍ତି ବଲିଉଡର ଫେମସ୍ ସିଙ୍ଗର ଅଦନାନ ସାମିଙ୍କ ମା'। ତାଙ୍କର ଦେହାନ୍ତ ହୋଇଛି। ଏନେଇ ସିଙ୍ଗର୍ ଅଦନାନ ସାମି ନିଜେ ସୋଶାଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି। ୭୭ ବର୍ଷ ବୟସରେ ଅଦନାନଙ୍କ ମା' ବେଗମ ନୌରିନ୍ ସାମି ଖାନ୍‌ଙ୍କ ଦେହାନ୍ତ ହୋଇଛି। ଆଜି ସାକଲୁ ସେ ସେ ନିଶ୍ୱାସ ତ୍ୟାଗ କରିଛନ୍ତି। ଏନେଇ ସୂଚନା ଦେଇ ସିଙ୍ଗର ଅଦନାନ ତାଙ୍କ ମା'ଙ୍କ ଏକ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ଏଥିସହ ନିଜ ଯନ୍ତ୍ରଣାକୁ ସେୟାର କରିଛନ୍ତି। ତେବେ ସେ କିପରି ମୃତ୍ୟୁବରଣ କଲେ, ତାଙ୍କର କୌଣସି ରୋଗ ବା ବୟସ ସମ୍ବନ୍ଧୀୟ ସମସ୍ୟା ଥିଲା କି? ଏନେଇ ସେ କୌଣସି ସୂଚନା ଦେଇ ନାହାନ୍ତି। ଗାୟକଙ୍କ ମା'ଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ଜଣା ପଡିନାହିଁ। ଅଦନାନଙ୍କ ଏହି ପୋଷ୍ଟ ସାମ୍ନାକୁ ଆସିବା ପରେ ବି-ଟାଉନରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପୋଷ୍ଟ ଦେଖି ବର୍ତ୍ତମାନ ଗାୟକଙ୍କ ଘନିଷ୍ଠ ଲୋକ ଏବଂ ତାଙ୍କ ପ୍ରଶଂସକମାନେ ମଧ୍ୟ ଭାବପ୍ରବଣ ହୋଇ ପଡିଛନ୍ତି। ତାଙ୍କ ମା'ଙ୍କ ଅମର ଆତ୍ମାର ସଦ୍ଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ୧୫ ଅଗଷ୍ଟ ୧୯୭୧ରେ ଲଣ୍ଡନରେ ଜନ୍ମଗ୍ରହଣ କରିଥିଲେ ଅଦନାନ ସାମିଙ୍କ ମା' ଏବଂ ସେଠାରେ ହିଁ ସେ ବିଥିଲେ। ତାଙ୍କ ବାପା ଅର୍ଶଦ ସାମି ଖାନ ଜଣେ ଆଫଗାନିସ୍ତାନ, ପାକିସ୍ତାନର ପାସ୍ତୁନ ହୋଇଥିବାବେଳେ ମା' ନୌରିନ୍ ଖାନ୍ ଜାମ୍ମୁରୁ ଆସିଥିଲେ। ଅଦନାନଙ୍କ ବାପା ପାକିସ୍ତାନ ବାୟୁସେନାରେ ପାଇଲଟ ଥିଲେ। ପରେ ୧୪ ଦେଶରେ ପାକିସ୍ତାନର ରାଷ୍ଟ୍ରଦୂତ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

## କେଶ ଝଡ଼ା ସମସ୍ୟାରୁ ପାଆନ୍ତୁ ମୁକ୍ତି

କେଶ ଝଡିବା ଏକ ସାଧାରଣ କଥା । କେତେକ ଲୋକଙ୍କ ପାଇଁ ଗରମ ପାଣି ସମସ୍ୟା ହୋଇଥାଏ ତ ଆଉ କାହା ପାଇଁ ରୁପି ସମସ୍ୟା । ଆଉ କାହାର କେଶ ମୂଳ ଦୁର୍ବଳ ହୋଇ କେଶ ଝଡିଥାଏ । ସମସ୍ୟା ଯାହା ହେଉନା କାହିଁକି ଏମିତି କିଛି ଟିପ୍ସ ରହିଛି, ଯାହା ତ୍ୱଚା କେଶ ଝଡିବାକୁ ରୋକିପାରିବେ ।

ଶୀତରେ କେଶ ଝଡିବାର କାରଣ ହେଉଛି କେଶ ଠିକ୍ ଭାବେ କଣ୍ଡିସନିଂ ହୋଇପାରେନି ଓ ମାତ୍ରାଧିକ ଶୁଷ୍କ ହୋଇପଡେ ।

ଅଲିଭ୍ ଅଏଲ୍‌ରେ ପ୍ରି-କଣ୍ଡିସନିଂ: କେଶ ଝଡିବା ରୋକିବା ପାଇଁ ହେଲେ ସାମ୍ପୁ କରିବା ପୂର୍ବରୁ ଅଲିଭ୍ ଅଏଲ୍‌ରେ ହାଲ୍‌କା ମସାଜ୍ କରନ୍ତୁ । ଯଦି ସମ୍ଭବ ଏହି ତେଲକୁ ହାଲ୍‌କା ଉଷ୍ନୁମ କରି ବ୍ୟବହାର କରିପାରିବେ ।



ସାମ୍ପୁ ନିଶ୍ଚୟ କରନ୍ତୁ: ସାମ୍ପୁ ନିଶ୍ଚୟ କରନ୍ତୁ ଶୀତ ଦିନେ ପ୍ରାୟ ଲୋକ ସାମ୍ପୁ କରିବାକୁ ଡରିଥାନ୍ତି । କିନ୍ତୁ ସାମ୍ପୁ ନିଶ୍ଚୟ କରନ୍ତୁ । ଫଳରେ କେଶ ମୂଳ ସଫା ରହିବା ସହ ସଂକ୍ରମଣ ଦୂର ହୋଇଥାଏ । ଫଳରେ କେଶ ଝଡିବା କମ୍ ହେବ । କେଶ ବିନ୍ୟାସ ପ୍ରତି ଧ୍ୟାନ ଦିଅନ୍ତୁ, ମୁଣ୍ଡ କୁଣ୍ଡାଇ ବିଭିନ୍ନ ଷ୍ଟାଇଲ୍ କରିବା? ମାତ୍ରାଧିକ କେଶ ବିନ୍ୟାସ କରନ୍ତୁ ନାହିଁ । ଷ୍ଟ୍ରେଟନିଂ, ପର୍ମିଂ ଓ କଲରିଂ କରିବା ଦ୍ୱାରା କେଶ ମୂଳ ନଷ୍ଟ ହୋଇଥାଏ । ଯଦି ଏପରି କିଛି କରିବାର ଥାଏ, ତେବେ ପ୍ରଫେସନାଲ୍ ପାର୍ଲରରେ କରନ୍ତୁ । ଏସବୁ କରିବା ଦ୍ୱାରା କେଶ ଦୁର୍ବଳ ହେବା ସହ ମାତ୍ରାଧିକ ଝଡିଥାଏ ।

## ଦୁର୍ଗାପୂଜା ସମୟରେ ଲାଗି କରାଯାଏ ଏହି ବିଶେଷ ଭୋଗ

ଯେକୌଣସି ପୂଜାପର୍ବର ମୁଖ୍ୟ ଆକର୍ଷଣ ସେହି ସମୟର ଭୋଗ ବୋଲି କୁହାଯାଏ। ସେହିପରି ଦଶହରା ବା ଦୁର୍ଗା ପୂଜା ସମୟରେ ବିଭିନ୍ନ ପ୍ରକାରର ଭୋଗ ଜଗତଜନନୀ ମା'ଦୁର୍ଗାଙ୍କୁ ଅର୍ପଣ କରାଯାଏ। ମା'ଙ୍କୁ ଏହି ଭୋଗ ସମର୍ପଣ କରାଯାଉଥିବାରୁ ଏହି ଭୋଗ ଖୁବ ନିଆରା। ଜାଣନ୍ତୁ ସେଭଳି କିଛି ଭୋଗ ବିଷୟରେ ପୁରୀ – ଏହି ଭୋଗକୁ ସମ୍ପୂର୍ଣ୍ଣ ନିରାମିଷ ଭାବେ ପ୍ରସ୍ତୁତ କରାଯାଏ। ମା'ଙ୍କୁ ଅର୍ପଣ କରାଯିବ ସହ ଲୋକେ ଘରେ ମଧ୍ୟ ଏହାକୁ ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ କନ୍ୟା ପୂଜା ସମୟରେ ଅର୍ପଣ କରାଯାଏ। ଏହି ଭୋଗ ବିଶେଷ କରି ଦିଲ୍ଲୀ ସମେତ ଉତ୍ତର ଭାରତ ଓ ଦେଶର କୋଣ ଅନୁକାଣରେ ମଧ୍ୟ ପ୍ରସ୍ତୁତ କରାଯାଏ। ଖେଚେଡ଼ି – ବିଶେଷ କରି ବଙ୍ଗାଳୀ ଲୋକମାନେ ଓ ଅନ୍ୟ ସମସ୍ତ ପ୍ରକାର ଲୋକେ ସପ୍ତମୀ, ଅଷ୍ଟମୀ, ନବମୀ ଦିନ ଦୁର୍ଗାପୂଜା ପର୍ବ ବିଶେଷ ଭାବେ ପାଳନ କରିଥାଆନ୍ତି। ଏହି ୩ ଦିନ ମା'ଙ୍କ ନିକଟରେ ପ୍ରସ୍ତୁତ ହେଉଥିବା ଭୋଗ ବେଶ ସ୍ୱାଦିଷ୍ଟ। ଏହି ସମୟରେ ପ୍ରସ୍ତୁତ ହେଉଥିବା ଖେଚେଡ଼ି ବେଶ ପସନ୍ଦିଆ। ଭୋଗ। ପୂଜାର୍ଚ୍ଚନା ହେଉଥିବା ମା'ଙ୍କ ପେଣ୍ଡାଲ ନିକଟରେ ଯାଇ ଖାଇଲେ ଏହାର ସ୍ୱାଦ ଆହୁରି ବଢିଯାଏ।





ଦହି – ଜିଲାପି – ଭାରତର ବିଭିନ୍ନ ସ୍ଥାନ ସହ ବିଶେଷ କରି କାନପୁରରେ ଏହାକୁ ଲୋକେ ବେଶ ପସନ୍ଦ କରନ୍ତି। କନ୍ୟା ପୂଜା ସମୟରେ ଏହାକୁ ପ୍ରସ୍ତୁତ କରି ଖିଆଯାଏ।

ମାଲପୁଆ – ବିହାର ସମେତ ଦେଶର ବହୁ ସ୍ଥାନରେ ଏହାକୁ ପ୍ରସ୍ତୁତ କରାଯାଇ ମା'ଙ୍କ ନିକଟରେ ଭୋଗ କରାଯାଏ। ନବରାତ୍ରରେ ହେଉଥିବା କନ୍ୟା ପୂଜା ସମୟରେ ମଧ୍ୟ ଏହାକୁ ପ୍ରସ୍ତୁତ କରାଯାଏ।

ପୁରୀ – ହାଲଓ୍ୱା – ବିଶେଷ କରି ନବମୀ ଓ ଦଶମୀ ଦିନ ଦେଶର ବିଭିନ୍ନ ସ୍ଥାନ ସହ ରାଜସ୍ଥାନରେ ଏହାକୁ ପ୍ରସ୍ତୁତ କରାଯାଏ। ମା'ଙ୍କ ନିକଟରେ ଭୋଗ କରାଯିବା ସହ ବଣ୍ଟାଯାଏ।

## ବେଲପତ୍ର ସ୍ୱାସ୍ଥ୍ୟ ପାଇଁ ହିତକର







ଭଗବାନ ଶିବଙ୍କ ପୂଜାରେ କଞ୍ଚା କ୍ଷୀର ଓ ଫୁଲ ସହ ବେଲ ପତ୍ର ଅର୍ପଣ କରାଯାଇଥାଏ। ବେଲପତ୍ର ଶିବଙ୍କ ଅତି ପ୍ରିୟ। ବେଲପତ୍ର କେବଳ ଶିବଙ୍କ ପୂଜାରେ ଲାଗେନି ବରଂ ଏହାର ଅନେକ ଉପକାରିତା ମଧ୍ୟ ରହିଛି। ସ୍ୱାସ୍ଥ୍ୟ ପାଇଁ ବେଲପତ୍ର ବହୁତ ଲାଭଦାୟକ ହୋଇଥାଏ। ବେଲପତ୍ର ସେବନ ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ।

ବେଲପତ୍ର କିପରି ବ୍ୟବହାର କରିବେ ଜାଣନ୍ତୁ:

୧. ଜ୍ୱର ହେଉଥିଲେ ବେଲପତ୍ରରେ କାଢ଼ା ତିଆରି କରି ସେବନ କଲେ ଆଶ୍ୱସ୍ତି ମିଳିଥାଏ ବୋଲି କୁହାଯାଏ। ତାଛଡା ମହୁମାଛି କିମ୍ବା ବିରୁଡି କାମୁଡ଼ିଲେ ଜ୍ୱଳନ ହେଉଥିବା ଜାଗାରେ ବେଲପତ୍ର ରସ ଲଗାଇଲେ ଆଶ୍ୱସ୍ତି ମିଳିଥାଏ।

୨. ହୃଦୟ ରୋଗୀଙ୍କ ପାଇଁ ବେଲପତ୍ର ବହୁତ ଲାଭଦାୟକ। ବେଲପତ୍ର କାଢ଼ା ସେବନ କଲେ ହୃଦୟ ସୁସ୍ଥ ରହେ ଏବଂ ହୃଦଘାତ ହେବାର ସମ୍ଭାବନା କମ ଥାଏ। ଶ୍ୱାସ ସମ୍ବନ୍ଧୀୟ ରୋଗୀଙ୍କ ପାଇଁ ମଧ୍ୟ ବେଲପତ୍ର ଅମୃତ ସହ ସମାନ। ବେଲପତ୍ର ରସ ସେବନ କଲେ ଶ୍ୱାସ ରୋଗୀଙ୍କୁ ଅନେକ ଲାଭ ମିଳିଥାଏ।

୩. ପେଟ ଗରମ ହୋଇଗଲେ ପାଟିରେ ଅଲସର ହୋଇଯାଏ ବା ଛାଲା ପଡ଼ିଯାଏ। ଏହିଭଳି ସ୍ଥିତିରେ ବେଲପତ୍ର ଚୋବେଇ ଖାଇଲେ ଛାଲା ଭଲ ହୋଇଯାଇଥାଏ।

୪. ପାଇଲ୍ସ ବା ଅର୍ଶ ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହା ବହୁତ କଷ୍ଟ ଦେଇଥାଏ। ଏହି କଷ୍ଟରୁ ମୁକ୍ତି ପାଇବାକୁ ହେଲେ ବେଲ ଗଛର ଚେରକୁ ଗୁଣ୍ଡ କରି ସେହି ଗୁଣ୍ଡରେ ସମାନ ମାତ୍ରାରେ ମିଶ୍ରି ମିଶାଇ ଚୂର୍ଣ୍ଣ ପ୍ରସ୍ତୁତ କରନ୍ତୁ। ଏହି ଚୂର୍ଣ୍ଣକୁ ସକାଳେ ଓ ସନ୍ଧ୍ୟାରେ ପାଣିରେ ମିଶାଇ ସେବନ କରନ୍ତୁ। ଅଧିକ କଷ୍ଟ ହେଉଥିଲେ ଦିନକୁ ୩ଥର ସେବନ କରନ୍ତୁ। ଅର୍ଶରୁ ଆଶ୍ୱସ୍ତି ମିଳିଥାଏ।

୫. ଥଣ୍ଡା, କାଶ ଓ ଜ୍ୱର ହେଲେ ବେଲପତ୍ର ରସରେ ମହୁ ମିଶାଇ ସେବନ କଲେ ଲାଭ ମିଳିଥାଏ। ଜ୍ୱର ଅଧିକ ହେଉଥିଲେ ଏହାର ପେଷ୍ଟ କରି ଛୋଟ ଛୋଟ ଗୁଳା ତିଆରି କରି ଗୁଡ ସହ ସେବନ କରନ୍ତୁ।

୬. ପେଟ କିମ୍ବା ଅନ୍ତନଳୀରେ କୃମି ହେଲେ କିମ୍ବା ଛୋଟ ଶିଶୁଙ୍କୁ ଝାଡା ହେଉଥିଲେ ବେଲପତ୍ର ରସ ସେବନ କଲେ ଆରାମ ମିଳିଥାଏ।



## ଶ୍ରୀରାମ-ପର୍ଶୁରାମ ଭେଟ

୨ରାମାୟଣରେ ଭଗବାନ ଶ୍ରୀରାମଚନ୍ଦ୍ର ଏବଂ ପର୍ଶୁରାମଙ୍କୁ ନେଇ ଏକ ଗାଥା ବର୍ଣ୍ଣନା କରାଯାଇଛି । ଅତ୍ୟାଚାରୀ ରାବଣର ବଧ କରିବା ଲାଗି ଭଗବାନ ଶ୍ରୀବିଷ୍ଣୁ ଅଯୋଧ୍ୟାରେ ରାଜା ଦଶରଥ ଏବଂ କୌଶଲ୍ୟାଙ୍କ ପୁତ୍ର ରୂପରେ ଜନ୍ମ ନେଇଥିଲେ । ରଘୁକୁଳ ନନ୍ଦନ ଶ୍ରୀରାମଙ୍କ କୀର୍ତ୍ତି ଖୁବ୍ ଅଳ୍ପ ଦିନ ମଧ୍ୟରେ ତ୍ରୀଭୁବନରେ ବ୍ୟାପୀଗଲା । ଶ୍ରୀରାମଙ୍କ ଅବତାର ବିଷୟରେ ମଧ୍ୟ ଅବଗତ ହେଲେ ଭଗବାନ ପର୍ଶୁରାମ । ପର୍ଶୁରାମ ଥିଲେ ଶ୍ରୀବିଷ୍ଣୁଙ୍କ ଷଷ୍ଠ ଅବତାର । ମହାଦେବଙ୍କ ଶିଷ୍ୟ ପର୍ଶୁରାମ ଅମର ହେବାର ବର ପାଇଥିଲେ । ସେଥିପାଇଁ ସେ ଶ୍ରୀରାମଙ୍କ ଜନ୍ମ ପର୍ଯ୍ୟନ୍ତ ମଧ୍ୟ ଜୀବିତ ରହିଥିଲେ । ଦିନେ ଶ୍ରୀରାମଙ୍କ ପରୀକ୍ଷା ନେବା ଲାଗି ପର୍ଶୁରାମ ଅଯୋଦ୍ଧାରେ ପହଞ୍ଚିଲେ । ସେ ୦ଶ୍ରୀରାମଙ୍କୁ ନିଜର ଦିବ୍ୟ ଧନୁ ପ୍ରଦାନ କଲେ ଏବଂ ସେଥିରେ ଗୁଣ ଚଢ଼ାଇବାକୁ କହିଲେ । ତାହା ଥିଲା ଭଗବାନ ବିଷ୍ଣୁଙ୍କ ସାରଙ୍ଗ ଧନୁ । ଶ୍ରୀରାମ ସେହି ଧନୁରେ ଅତି ସହଜରେ ଗୁଣ ଚଢ଼ାଇ ଦେଲେ । ଏହାପରେ ଅହଂକାରବଶତଃ କ୍ରୋଧିତ ହୋଇ ସେହି ଦିବ୍ୟ ଧନୁରୁ ତୀର ଚଳାଇବା ଲାଗି ପର୍ଶୁରାମ କହିଲେ । ଶ୍ରୀରାମ ସେହି ଧନୁରେ ତୀର ନିକ୍ଷେପ କରନ୍ତେ, ସେହି ଶବ୍ଦରେ ପର୍ଶୁରାମ ବେହୋସ ହୋଇଗଲେ । ତାଙ୍କର ସମସ୍ତ ଶକ୍ତି ଚାଲିଗଲା । ଗୋଟିଏ ବର୍ଷ ପରେ ପିତୃପୁରୁଷଙ୍କ ପରାମର୍ଶକ୍ରମେ ବସୁଧରା ନାମକ ନଦୀରେ ସ୍ନାନ କରିବା ପରେ ପର୍ଶୁରାମ ନିଜ ଶକ୍ତି ଫେରିପାଇଥିଲେ । ପ୍ରଭୁ ଶ୍ରୀରାମ ସ୍ୱୟଂ ଶ୍ରୀବିଷ୍ଣୁଙ୍କ ଅବତାର ବୋଲି ତାଙ୍କର ହୃଦ୍‌ବୋଧ ହେଲା ।



# ବିଏମ୍‌ସି ଆଗରେ ଗାଡ଼ି ମାଲିକଙ୍କ ଧାରଣା



**ଭୁବନେଶ୍ୱର,୭।୧୦ (ମହାଭାରତ):** ବିଏମ୍‌ସିରେ ଭଡ଼ାରେ ଲାଗୁଥିବା ଗାଡ଼ି ପାଇଁ ଏକକ ଟେଣ୍ଡର ହେବା ପରେ ବିବାଦ ବଢ଼ିବାରେ ଲାଗିଛି। ପୁରୁଣା ଗାଡ଼ି ମାଲିକଙ୍କର ୫କୋଟି ଟଙ୍କା ବାକି ନସୁଝି ଏଭଳି ନୂଆ। ଟେଣ୍ଡର କରିବାକୁ ଗାଡ଼ିମାଲିକମାନେ ଗ୍ରହଣ କରିପାରୁ ନାହାନ୍ତି। ନୂଆ। ଟେଣ୍ଡର ଅନୁସାରେ ବିଏମ୍‌ସିର କ୍ଷତି ହେବାକୁ ଯାଉଥିବାରୁ ଏହି ଟେଣ୍ଡରକୁ ବାତିଲ କରିବାକୁ ସମ୍ପୃକ୍ତ ମାଲିକମାନେ ଦାବି କରି ଆଜି ବିଏମ୍‌ସି ଅଫିସ୍ ସାମ୍ନାରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ବସିବା ପରେ ମେୟର ସୁଲୋଚନା ଦାସ ତାଙ୍କ ସହ ଏ ବାବଦରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ।

ବିଏମ୍‌ସି ଭଡ଼ା ଗାଡ଼ିମାଲିକ ସଂଘ ସଭାପତି ଅରବିନ୍ଦ ମହାନ୍ତିଙ୍କ ଅଭିଯୋଗ ହେଉଛି, ବିଏମ୍‌ସିରେ ପରିମଳ ଟେଣ୍ଡରରେ ତ୍ରୁଟି ଯୋଗୁ ଆବର୍ଜନା ସହର ସାରା ବିଭିନ୍ନ ଜାଗାରେ ଗଦା ହୋଇ ରହିଥିଲା। ବିଏମ୍‌ସି ବଡ଼ ବଡ଼ ଗାଡ଼ି ଭଡ଼ାରେ ଲଗାଇ ଏହି ସବୁ ଆବର୍ଜନାକୁ ଦିନରାତି ଲାଗି ସଫା କଲା। ଏହା ସହ ଦେଶହରୁ ଅଧିକ ଗାଡ଼ି ବିଭିନ୍ନ କାମରେ ଲାଗିଥିଲା। ପ୍ରଥମେ ପ୍ରଥମେ ଠିକ୍ ସମୟରେ ଗାଡ଼ି ଭଡ଼ା ମିଳୁଥିଲା। କିନ୍ତୁ ୨୦୨୨ ମସିହାରୁ ନିୟମିତ ଗାଡ଼ି ଭଡ଼ା ମିଳିଲା ନାହିଁ। ଏଭଳି ୨ ବର୍ଷ ହେବ ୧୫ରୁ ଉର୍ଦ୍ଧ୍ୱ ଗାଡ଼ି ମାଲିକଙ୍କର ୫ କୋଟିରୁ ଅଧିକ ବାକି ପଡ଼ିଛି। ସେମାନଙ୍କୁ ବାକି ପଇସା ନ ଦେଇ ବିଏମ୍‌ସି ୧୫୧ ଗାଡ଼ି ଯୋଗାଇ ଦେବା ପାଇଁ ଗୋଟିଏ ସଂସ୍ଥାକୁ ଚୟନ କରିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଅଫିସରମାନେ ଯିବା ଆସିବା କରିବା ପାଇଁ ବିଭିନ୍ନ ବର୍ଗର ହାଲୁକା ଯାନ ସହ ଭାରୀ ଯାନ ମଧ୍ୟ ସେହି ଗୋଟିଏ ସଂସ୍ଥା ଯୋଗାଇବ। ଯେଉଁ ସଂସ୍ଥାକୁ ଦିଆଯାଇଛି ସେ ସଂସ୍ଥା ବିଏମ୍‌ସି ଚାହିଦା ମୁତାବକ ଗାଡ଼ି ରଖି ନାହିଁ। ଏଣୁ ସେ ବି ଭଡ଼ାରେ ଆଣିବ। କିନ୍ତୁ ଯେଉଁମାନେ ପୂର୍ବରୁ ବିଏମ୍‌ସି ସହ ବର୍ଷ ବର୍ଷ ଧରି କାମ କରିଆସୁଥିଲେ ସେମାନଙ୍କୁ ନିଆଯାଉନି। ଗୋଟିଏ ସଂସ୍ଥା ସବୁ ଗାଡ଼ି ଯୋଗାଉଥିବାରୁ ସଂସ୍ଥା ସଂହ କିଛି ସମସ୍ୟା ହେଲେ ବା ସଂସ୍ଥା ମନମାନି କଲେ ବିଏମ୍‌ସିର ସବୁ କାମ ଏକାଠି ଠପ୍ ହୋଇ ଯିବା ଭଳି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ଜେସିବି ଘଣ୍ଟାକୁ ୧୩୦୦ ଟଙ୍କାରେ ବିଏମ୍‌ସି ନେଉଥିଲା। କିନ୍ତୁ ଏବେ ଏଜେନ୍ସି ଜରିଆରେ ସମାନ ସମୟ ପାଇଁ ନୂଆ। ଏଜେନ୍ସିକୁ ୧୫୫୦ ଟଙ୍କା ପ୍ରଦାନ କରାଯିବ। ଅର୍ଥା ଘଣ୍ଟାକୁ ଗୋଟିଏ ଗାଡ଼ିରେ ବିଏମ୍‌ସି ୨୫୦ ଟଙ୍କା ଅଧିକ ଖର୍ଚ୍ଚ କରିବ। ଏଭଳି ସମସ୍ତ ୧୫୧ ଗାଡ଼ିର ଭଡ଼ା ଅଧିକ ରହିଛି। ଯଦି ହିସାବ କରାଯାଏ ତେବେ ମାସକୁ ବିଏମ୍‌ସି ଲକ୍ଷାଧିକ ଟଙ୍କା କ୍ଷତି ସହିବ। ଏହା ଏଜେନ୍ସି ପକେଟକୁ ଯିବ ନା ଏଭଳି ବ୍ୟବସ୍ଥା ପାଇଁ ଷଡ୍‌ଯନ୍ତ୍ର କରିଥିବା ଅଧିକାରୀଙ୍କ ପକେଟକୁ ଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମେୟରଙ୍କ ସହ ଯଦି ଆଲୋଚନା ସଫଳ ନହୁଏ ତେବେ ଶହ ଶହ ଗାଡ଼ି ମାଲିକମାନେ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିବା ସହ ଆଇନର ଆଶ୍ରୟ ନେବେ ବୋଲି ସଭାପତି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଏମ୍‌ସି ନିଜ ଜିଦରେ ଅଟଳ ରହିଛି। ଟେଣ୍ଡର ପ୍ରକ୍ରିୟାରେ କେଣସି ତ୍ରୁଟି ନାହିଁ। କିମ୍ବା ପୂର୍ବାପେକ୍ଷା ବିଏମ୍‌ସି କ୍ଷତି ସହିବ ନାହିଁ ବରଂ ଲାଭରେ ରହିବ ବୋଲି କହିଛି।

## ପୂର୍ବତଟ ରେଳପଥ ଦ୍ୱାରା ରାଜ୍ୟସ୍ତରୀୟ ରୋଭର୍ସ

**ଭୁବନେଶ୍ୱର,୭।୧୦ (ମହାଭାରତ):** ପୂର୍ବତଟ ରେଳପଥ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଭୁବନେଶ୍ୱରର ରାଜ୍ୟ ମୁଖ୍ୟାଳୟରେ ଏହାର ଷ୍ଟେଟ୍ ଲେଭଲ୍ ରୋଭର୍ସ ଆଣ୍ଡ ରେଞ୍ଜର୍ସ ମିଟ୍ ଆୟୋଜନ କରୁଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ଓ୍ୱାଲଟିୟର ରେଳମଣ୍ଡଳର ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିବାବେଳେ ଏହାର ମୁଖ୍ୟାଳୟ ଓ ମଞ୍ଚେଶ୍ୱର ରେଳ ଡ଼ବା ମରାମତି କାରଖାନା ଏବଂ ପୁରୀ ୟୁନିଟ ସହିତ ରେଳପଥର ସମସ୍ତ କୋଣ ଅନୁକୋଣରୁ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇଛନ୍ତି। ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆଜି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ) ପ୍ରଦର୍ଶନ କରାଯାଇ ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି ଯାହାକି ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା। ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କ ଦ୍ୱାରା ଆକର୍ଷଣୀୟ ପଥପ୍ରାନ୍ତ ନାଟକ ମାଧ୍ୟମରେ ସେମାନେ ସଫଳତାର ସହ ଜନସାଧାରଣଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ। ଦୈନନ୍ଦିନ ଜୀବନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସବୁ ପ୍ରକାରରେ ଦୁର୍ନୀତି ବିରୋଧରେ ସକ୍ରିୟ ଭାବରେ ଠିଆ ହେବା ଉପରେ ଗୁରୁତ୍ୱାରୋପ କରି ସଚେତନତା ସୃଷ୍ଟି କରାଯାଇଥିଲା।

କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦାନ କରି ସ୍ୱେଚ୍ଛାସେବୀମାନଙ୍କ ଉଦ୍ୟମ ତଥା ସାମାଜିକ କାରଣ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ଶ୍ରୀ ଫୁଙ୍କୱାଲ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କୁ ଉତ୍ସାହିତ କରି ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ଜାରି ରଖିବାକୁ ପ୍ରେରଣା ଦେବା ସହିତ ଭବିଷ୍ୟତର ପଦକ୍ଷେପ ପାଇଁ ସେମାନଙ୍କୁ ପୂର୍ବତଟ ରେଳପଥର ନିରନ୍ତର ସମର୍ଥନ ବିଷୟରେ ସୁନିଶ୍ଚିତ କରିଥିଲେ।

## ପଞ୍ଚାୟତ ସମିତିର ସାଧାରଣ ଅବେଶନ

**ଭୁବନେଶ୍ୱର,୭।୧୦ (ମହାଭାରତ):** ମଙ୍ଗଳବାର ପଂଚାୟତ ସମିତି ସଭାଗୃହରେ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପ୍ରିୟଦର୍ଶନୀଙ୍କ ଅଧ୍ୟକ୍ଷତାରେ ପଂଚମ ସାଧାରଣ ଅବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ ଜଗଦେବ ଯୋଗ ଦେଇଥିବା ବେଳେ ପଂଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପାଶ୍ରୀ ରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ଦଳେଇ ସାଂସଦ ପ୍ରତିନିଧ ବିଭୁ ପ୍ରସାଦ ବଳିଆରସିଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁ,ତହସିଲଦାର ବିଭାସ କୁମାର ପାଣିଗ୍ରାହୀ, ସମସ୍ତ ସରପଂଚ ପଂଚାୟତ ସମିତି ସଭ୍ୟ,ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକଙ୍କ ଦ୍ୱାରା ପୂର୍ବରୁ ଥିବା ପଂଚାୟତ ସମିତି ସମ୍ମିଳନୀ କକ୍ଷ ରିନୋଭେସନ କରାଯାଇ ଏହାର ଉଦଘାଟନ କରାଯାଇଥିଲା।ବୈଠକର ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିବାକୁ ପଂଚାୟତ ସମିତି ଅଧ୍ୟକ୍ଷା ଅନୁରୋଧ କଲେ। ପରେ ଅଧ୍ୟକ୍ଷା ପଂଚାୟତ ସମିତି ସଭାକାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ପ୍ରଦାନ କଲେ। ସଭାପତି ଜିଲ୍ଲା ପରିଷଦ ଖୋର୍ଦ୍ଧା, ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କଲେ ଜିଲ୍ଲା ତଥା ରାଜ୍ୟରେ ପଂଚାୟତ ସମିତି ଏକ ଅଗ୍ରଣୀ ବ୍ଲକରେ ପରିଣତ ହୋଇପାରିବ ବୋଲି ମତ ରଖିଥିଲେ। ପ୍ରଶାସନ ଏବଂ ଲୋକ ପ୍ରତିନିଧି ଟଙ୍କାର ଉଭୟ ପାର୍ଶ୍ୱ ଅଟନ୍ତି। ପଂଚାୟତ ସମିତିର ଉତରୋତର ଉନ୍ନତି ପାଇଁ ସବୁ କିଛି ସହଯୋଗ ଯୋଗାଇ ଦେବାକୁ ମାନ୍ୟବର ବିଧାୟକ ପ୍ରତିଶୃତି ଦେବାସହ ସମସ୍ତଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପରେ ପୂର୍ବ ବୈଠକରେ ବିବରଣୀ ଅନୁଯାୟୀ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ଆଲୋଚନାରେ ଭାଗ ନେଇ ସି ଡି ପି ଓ ତାଙ୍କର କିଛି ଅଙ୍ଗନବାଡି କେନ୍ଦ୍ରରେ ପକ୍କାଘର,ବିଦ୍ୟୁତ ଯୋଗାଣ ବିଭାଗ ତରଫରୁ ବିଦ୍ୟୁତ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

## ସ୍ୱେଚ୍ଛାସେବୀଙ୍କ ସଫେଇ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୧୦ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ 'ସ୍ୱଚ୍ଛତା ହି ସେବା' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟବର୍ତ୍ତୀ ଜାହାନିଆ ସମୁଦ୍ରକୂଳରେ ସଫେଇ କରାଯାଇଛି। ସମୁଦ୍ରକୂଳ ସଫେଇ ନେଇ ସଚେତନତା, ଉପକୂଳ ପରିବେଶ ସଂରକ୍ଷଣ ଏବଂ ପ୍ରଦୂଷଣ ମୁକ୍ତ ତଟ ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଡକ୍ଟର ମୋଉ ରାୟ, ଡକ୍ଟର ଶ୍ୟାମଳେନ୍ଦୁ ତ୍ରିପାଠୀ, ଡକ୍ଟର ରାକେଶ ରୋଶନ୍ ଶତପଥୀ ଏବଂ ଡକ୍ଟର ଅନନ୍ତ ପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ୯୦ ଜଣ ସ୍ୱେଚ୍ଛାସେବୀ ଏହି ସମୁଦ୍ର ତଟର ୫ କିମି ପରିସୀମା ସଫେଇ କରିଥିଲେ। ସେମାନେ ପ୍ଲାଷ୍ଟିକ୍ ପାଣିବୋତଲ, ବସ୍ତୁ ଓ ଚକଲେଟ୍ ଖୋଳ ଭଳି ପଦାର୍ଥ ସଂଗ୍ରହ କରିଥିଲେ। ସମୁଦ୍ରକୂଳ ସଫା କରିବା ପରେ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା।

# ନକ୍ସଲ ପ୍ରଭାବିତ ଅଞ୍ଚଳରେ 'ଗ୍ରାମୋଦୟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୧୦ (ମହାଭାରତ):** ବାମପନ୍ଥୀ ନକ୍ସଲବାଦ ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡିକର ସାମଗ୍ରିକ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରାମୋଦୟର ଆରମ୍ଭ କରାଯାଇଛି। ନକ୍ସଲ ପ୍ରଭାବିତ ୧୦ଟି ଜିଲ୍ଲାର ୫୮୩ଟି ଗ୍ରାମର ଜନସାଧାରଣଙ୍କଠାରେ ଯେଭଳି ସମସ୍ତ ସରକାରୀ ଯୋଜନାର ପରିପୂର୍ଣ୍ଣତା ଭିତ୍ତିରେ ଶତପ୍ରତିଶତ ସୁବିଧା ପହଞ୍ଚାଯାଇ ପାରିବ, ସେଥି ପାଇଁ ରାଜ୍ୟ ସରକାର ସମସ୍ତ ବିଭାଗକୁ ଏକାଭିମୁଖୀକରି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାର ତଦାରଖ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ ପର୍ଯ୍ୟବେକ୍ଷଣ କମିଟି କାର୍ଯ୍ୟ କରିବ। ବାମପନ୍ଥୀ ନକ୍ସଲବାଦ ଦ୍ୱାରା ପ୍ରଭାବିତ ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡା ଆଦି ରାଜ୍ୟର ଦଶଟି ଜିଲ୍ଲାର ୫୮୩ ଟି ଗ୍ରାମରେ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କର ସମସ୍ତ ବିଭାଗକୁ ଏକାଭିମୁଖୀକରି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗ୍ରାମୋଦୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟତଃ ଦୁଇଗୋଟି ଉପାଦାନ ରହିଛି। ପ୍ରତିଟି ଗ୍ରାମ/ ଗୋଷ୍ଠୀକୁ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ଏବଂ ପ୍ରତିଟି ହିତାଧିକାରୀ/ ପରିବାରକୁ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ଏହି ଯୋଜନାର ମୂଳ ଉଦେଶ୍ୟ। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ଏକାଭିମୁଖୀକରି ସେଚୁରେସନ୍ ମୋଡ୍‌ରେ ସମସ୍ତ ଯୋଜନାର ଲାଭ ପହଞ୍ଚାଇବା ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗ୍ରାମୋଦୟ' ଆରମ୍ଭ କରାଯାଇଛି।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗ୍ରାମୋଦୟ'ରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏକାଭିମୁଖୀ ହୋଇ ପରିପୂର୍ଣ୍ଣତା ଭିତ୍ତିରେ ଯୋଜନାଗୁଡିକ କାର୍ଯ୍ୟକାରୀ କରିବେ। ଏଥିରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନୋଡ଼ାଲ୍ ବିଭାଗ ଭାବରେ କାର୍ଯ୍ୟକରିବ। ଏହା ଅଧୀନରେ ଗ୍ରାମ/ ଗୋଷ୍ଠୀକୁ ୩୧ଟି ସରକାରୀ ଯୋଜନା ଏବଂ ହିତାଧିକାରୀ/ ପରିବାରକୁ ୪୪ ଟି ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗ୍ରାମୋଦୟ'କୁ ଅନୁଧ୍ୟାନ କରିବାପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ପର୍ଯ୍ୟବେକ୍ଷଣ କମିଟି କାର୍ଯ୍ୟ କରିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କମିଟିରେ ସମସ୍ତ ବିଭାଗର ଶାସନ ସଚିବ ସଦସ୍ୟ ଭାବରେ ରହିବେ। ଜିଲ୍ଲା ସ୍ତରୀୟ କମିଟିରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ କମିଟିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀଙ୍କ କମିଟି ଦ୍ୱାରା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗ୍ରାମୋଦୟ'ର ପର୍ଯ୍ୟବେକ୍ଷଣ କରାଯିବ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗ୍ରାମୋଦୟ'କୁ କାର୍ଯ୍ୟକାରୀ କରିବାପାଇଁ ତୃଣମୂଳ ସ୍ତରରେ ଜନସମ୍ପର୍କ ଶିବିର, ସଚେତନତା ଅଭିଯାନ, ଗ୍ରାମସଭା, ଅଭିଯୋଗ ଶୁଣାଣି ଆଦିର ବିଶେଷ ବ୍ୟବସ୍ଥା କରାଯାଇଛି।

# ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୭।୧୦ (ମହାଭାରତ):** ଆଜି ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଇଂଜିନିୟରିଂ ବିଦ୍ୟାକୁ ସଫଳ ରୂପାୟନ କରି ସମାଜ କଲ୍ୟାଣ ଦିଗରେ ବ୍ୟବହାର କରାଯିବା ଉପରେ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ଧ୍ୟାନ ଦେବା ଉଚିତ। ନୂଆ ନୂଆ ପ୍ରଯୁକ୍ତି ବିଦ୍ୟା ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ, ମେସିନ୍ ଲର୍ଣ୍ଣିଙ୍ଗ୍, ଡାଟା ସାଇନ୍ସ ଆଦି ନୂତନ ପାଠ୍ୟକ୍ରମ ବହୁଳ ମାତ୍ରାରେ ପ୍ରଚଳନ କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ କହିଲେ ଯେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତ ହିଁ ବିଶ୍ୱଗୁରୁ ହେବ ଏବଂ ପୃଥିବୀର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ବିକଶିତ ଭାରତ ଏକ ନମ୍ବର ହେବ। ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏ କ୍ଷେତ୍ରରେ ଉ ମ ମାନବସମ୍ବଳ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ସେ କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ୍ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ନତ ମାନର ଲାବୋରେଟୋରୀ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ ରେଣୁପ୍ରଭା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। ଓୟୁଟିଆର୍ ଫାଇନ୍, ଓୟୁଟିଆର୍ ସିମେନ୍, ସିଓଇ ଡିଜିଟାଲ ମାନୁଫାକ୍‌ଚରିଂ ଉଦ୍‌ଘାଟିତ ହୋଇଥିଲା।

## ହିରୋ ମୋଟୋକର୍ପ ଦ୍ୱାରା ଶୁଭ ମୁହୂରତ୍ ଆୟା, ହିରୋ ସାଥ୍ ଲାୟା ଉତ୍ସବ

**ଭୁବନେଶ୍ୱର,୭।୧୦ (ମହାଭାରତ):** ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟରସାଇକେଲ ତଥା ସ୍କୁଟର ଉତ୍ପାଦନକାରୀ, ଉତ୍ସବ ମୁଖରିତ ପାଳନ ଆରମ୍ଭ କରିବା ଉଦ୍ଦେଶ୍ୟ ନେଇ ତଥା ଦେଶର ଭରପୁର ଐତିହ୍ୟ ତଥା ପାରମ୍ପରିକ ଉନ୍ମାଦନାକୁ ସନ୍ନିବିଷ୍ଟ କରିବା ପାଇଁ ଏହାର ଏକ ଅଭିନବୀକରଣ ଉତ୍ସବ ମୁଖରୀତ ଅଭିଯାନ ଆରମ୍ଭର ଘୋଷଣା କରିଛି। 'ଶୁଭ ମୁହୁରତ୍ ଆୟା, ହିରୋ ସାଥ୍ ଲାୟା' ହିରୋ ମୋଟୋକର୍ପସର ତୃତୀୟ ସଂସ୍କରଣକୁ ଉଜ୍ଜିବୀତ କରିବାକୁ ଯାଇ ଗ୍ରାଣ୍ଡ ଇଣ୍ଡିଆନ ଫେଷ୍ଟିଭାଲ ଅଫ ଟ୍ରଷ୍ଟ (ଜିଆଇଏଫଟ) ଆକର୍ଷଣୀୟ ସୁଯୋଗକୁ ଏହାର ଗ୍ରାହକମାନଙ୍କ ମଧ୍ୟରେ ପ୍ରତିଫଳିତ କରି ଏହି ଉତ୍ସବକୁ ଆହୁରି ଅଧିକ ଆନନ୍ଦମୟ କରିବା ସହିତ ସେମାନଙ୍କର ପସନ୍ଦଯୋଗ୍ୟ ହିରୋ ମୋଟୋକର୍ପ ଉତ୍ପାଦନ ସାମଗ୍ରୀ ଘରକୁ ଆଣିବା ପାଇଁ ରିହାତିର ସୁଯୋଗ ସୃଷ୍ଟି କରିଛି। ଶିଳ୍ପ ଜଗତରେ ପ୍ରଥମ ଥର ପାଇଁ ହିରୋ ମୋଟୋକର୍ପସ ମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଜେନ-ଏଆଇ ଅଭିଯାନ "ଶୁଭ ମୁହୁରତ୍ ସାଥୀ"ର ଉପସ୍ଥାପନ କରିଛି ଯାହାର ବିଶେଷତ୍ୱ ମଧ୍ୟରେ ରହିଛନ୍ତି ଦିବ୍ୟେନ୍ଦୁ ଶର୍ମା ତଥା ହଂସିକା ମୋଟ୍ୱାନୀଙ୍କ ଭଳି ଯୁବ ଆଇକନ ତଥା କଳାକାର। ଏକ ମନ୍ତ୍ରମୁଗ୍ଧ ଏଆଇ ବିଶେଷତ୍ୱ ଜରିଆରେ ଏହି କଳାକାରମାନେ ସେମାନଙ୍କର ବ୍ୟକ୍ତିଗତ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଦୁଇ ମିଲିୟନରୁ ଅଧିକ ଗ୍ରାହକମାନଙ୍କୁ ଦିଗ୍‌ଦର୍ଶନ ଦେବା ସହିତ ଇଂରାଜୀ, ହିନ୍ଦୀ, ବେଙ୍ଗଲି, ତାମିଲ, କଣ୍ଣଡ଼ ତଥା ଅନ୍ୟାନ୍ୟ ଭାଷା ମାଧ୍ୟମରେ ସେମାନଙ୍କର ବିକ୍ରୟର ଯାତ୍ରାକୁ ଉପସ୍ଥାପିତ କରିଛନ୍ତି। ପୁନର୍ବାର ଏଭଳି ଉଚ୍ଚମାନର ଉନ୍ମାଦନାକୁ ଆହୁରି ଅଧିକ ଉପରକୁ ନେବା ପାଇଁ ହିରୋ ମୋଟୋକର୍ପ ଦୁଇଜଣ ବ୍ରାଣ୍ଡକ ମର୍ସିଆଲ ସୁପରଷ୍ଟାର ରାମଚରଣ ହେଲମିଙ୍ଗ ଗ୍ଲାମୋର ଓଜି।

## ବ୍ୟାଙ୍କ ଅଫ୍ ବରୋଦାର ଗ୍ଲୋବାଲ୍ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଯୋଡ଼ିହେଲେ ସଚିନ୍ ତେନ୍ଦୁଲକର

**ଭୁବନେଶ୍ୱର,୭।୧୦ (ମହାଭାରତ):** ଦେଶର ଅନ୍ୟତମ ସବୁଠୁ ବିଶ୍ୱସନୀୟ ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ କ୍ରିକେଟ୍ କିମ୍ବଦନ୍ତୀ ପୁରୁଷ ସଚିନ ତେନ୍ଦୁଲକରଙ୍କୁ ବ୍ୟାଙ୍କର ଗ୍ଲୋବାଲ୍ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ସ୍ୱାକ୍ଷରିତ କରାଯାଇଛି। ବ୍ୟାଙ୍କ ଓ ସଚିନଙ୍କ ମଧ୍ୟରେ ଏହି ସହଯୋଗିତା 'ଉତ୍କର୍ଷ ଓ ବିଶ୍ୱାସ' ଉପରେ ପର୍ଯ୍ୟବେସିତ। ବ୍ୟାଙ୍କ ଅଫ୍ ବରୋଦା ଏହାର ରୂପାନ୍ତରଣ ଯାତ୍ରା ସମୟରେ ଏହି ସହଯୋଗିତା ବଳରେ ସଚିନଙ୍କ ବ୍ରାଣ୍ଡ ଚମକକୁ ବ୍ୟବହାର କରି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

ସଚିନଙ୍କୁ ନେଇ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ 'ପ୍ଲେ ଦି ମାଷ୍ଟରଷ୍ଟ୍ରୋକ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। ଶତାବ୍ଦୀରୁ ଅଧିକ ସମୟ ଧରି କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିଥିବା ବ୍ୟାଙ୍କକୁ ଚୟନ କରି ମାଷ୍ଟରଷ୍ଟ୍ରୋକ୍ ଖେଳିବା ଏବଂ ନିଜର ଆର୍ଥିକ ଅଭିଳାଷାକୁ ପରିପୂର୍ଣ୍ଣ କରିବା ଲାଗି ଏହି ଅଭିଯାନରେ ଭାଗନେବାକୁ ଲୋକମାନଙ୍କୁ ଉତ୍ସାହିତ କରାଯାଉଛି।

ଦେଶର କୋଣ ଅନୁକୋଣରେ ସଚିନଙ୍କୁ ଲୋକମାନେ ଭଲ ପାଉଥିବାରୁ ବ୍ୟାଙ୍କ ଅଫ ବରୋଦାର ବ୍ରାଣ୍ଡ ଆମ୍ବାସାଡର ଭାବେ ତାଙ୍କୁ ବ୍ୟାଙ୍କର ସମସ୍ତ ଅଭିଯାନ, ଆର୍ଥିକ ସାକ୍ଷରତା ଓ ଠକେଇ ପ୍ରତିରୋଧକୁ ନେଇ ଆୟୋଜନ କରାଯାଉଥିବା ଗ୍ରାହକ ସଚେତନତା କାର୍ଯ୍ୟକ୍ରମ, ଗ୍ରାହକ ଓ କର୍ମଚାରୀ ସଂପୃକ୍ତି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିବ। ବିଶ୍ୱର ୧୭ଟି ରାଷ୍ଟ୍ରରେ ବ୍ୟାଙ୍କ ଅଫ ବରୋଦାର ଉପସ୍ଥିତି ରହିଛି। ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଆଇକନ୍ ଭାବେ ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ବ୍ୟାଙ୍କ ଅଫ୍ ବରୋଦାର ବ୍ରାଣ୍ଡ୍ କୁ ବଢ଼ାଇବାରେ ସଚିନ ସହାୟକ ହେବେ।

ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, "ଭାରତର ଅନ୍ୟତମ କ୍ରୀଡ଼ା କିମ୍ବଦନ୍ତୀ ପୁରୁଷ ସଚିନ ତେନ୍ଦୁଲକରଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ଘୋଷଣା କରିବା ବ୍ୟାଙ୍କ ଅଫ୍ ବରୋଦା ପାଇଁ ଗର୍ବର ମୁହୂର୍ତ୍ତ। ସଚିନ ଜଣେ ଗ୍ଲୋବାଲ ଆଇକନ୍, ଯିଏ ସର୍ବଦା ନେତୃତ୍ୱ ନେଇ ଉଦାହରଣ ପାଲଟିଛନ୍ତି, ପଡ଼ିଆ ଭିତରେ ଏବଂ ବାହାରେ ତାଙ୍କ କାର୍ଯ୍ୟ ମାଧ୍ୟମରେ ଆମକୁ ପ୍ରେରଣା ଦେଉଛନ୍ତି। ସେ ଯେପରି ନିଜର ଉଲ୍ଲେଖନୀୟ କ୍ୟାରିୟର ମାଧ୍ୟମରେ ଦେଶକୁ ଉତ୍ସାହିତ କରିଛନ୍ତି, ବ୍ୟାଙ୍କ ଅଫ୍ ବରୋଦା ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ହୋଇଛି, ଯାହା ସେମାନଙ୍କୁ ସେମାନଙ୍କର ଆର୍ଥିକ ଆକାଂକ୍ଷା ହାସଲ କରିବାରେ ସକ୍ଷମ କରୁଛି। ସଚିନ ହେଉଛନ୍ତି, ନେତୃତ୍ୱ, ଉତ୍କର୍ଷତା, ବିଶ୍ୱାସ, ନିରନ୍ତରତା ଏବଂ ପରମ୍ପରାର ଏକ ପ୍ରତୀକ ଯାହା ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ସେହି ମୂଲ୍ୟବୋଧ ବ୍ୟାଙ୍କ ଅଫ୍ ବରୋଦାର ଶତାବ୍ଦୀବ୍ୟାପୀ ଯାତ୍ରାର ମୂଳଦୁଆ ଅଟେ। ସଚିନଙ୍କ ସହ ସହଯୋଗିତା କରି ଏହି ସମ୍ପର୍କକୁ ଜୀବନ୍ତ କରିବା ପାଇଁ ଆମେ ଉତ୍ସାହିତ।"

## ସାମସଙ୍ଗ ଗାଲାକ୍ସି ଜେଡ଼ ଫୋଲ୍ଡ୍ ୬ ଏବଂ ଜେଡ଼ ଫ୍ଲିପ୍୬ ଉପରେ ଆକର୍ଷଣୀୟ

**ଭୁବନେଶ୍ୱର,୭।୧୦ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଷଷ୍ଠ ପୀଢ଼ିର ଭାଙ୍ଗ ଯୁକ୍ତ ସ୍ମାର୍ଟଫୋନ ଉପରେ ଆକର୍ଷଣୀୟ ରିହାତିର ଘୋଷଣା କରିଛି ଯାହା ମଧ୍ୟରେ ରହିଛି ଗାଲାକ୍ସି ଜେଡ଼ ଫ୍ଲିପ୍୬ ଏବଂ ଗାଲାକ୍ସି ଜେଡ଼ ଫୋଲଡ଼୬ ଯାହାକି ଏଆଇର ନୂତନତ୍ୱକୁ ଏକ ଉଚ୍ଚ ସ୍ତରକୁ ନେବା ସହିତ ଏହାର ଗ୍ରାହକମାନଙ୍କୁ ବିଭିନ୍ନ ବିଭାଗରେ ଅତୁଳନୀୟ ମୋବାଇଲ ଅଭିଜ୍ଞତା ପାଇଁ ସକ୍ଷମ କରିପାରିବ। ଆଜିଠୁ ଆରମ୍ଭ ହୋଇଥିବା ଏହି ବିଶେଷ ଯୋଜନାରେ ଗାଲାକ୍ସି ଜେଡ଼ ଫୋଲଡ଼୬ କ୍ରୟ କରିଥିବା ଗ୍ରାହକମାନେ ଏକ ଅପଗ୍ରେଡ଼ ବୋନସ୍ କିମ୍ବା ୨୪ ମାସର କୌଣସି ଇଏମଆଇ ମୂଲ୍ୟ ନଥିବା ୧୨୫୦୦ ଟଙ୍କାର କ୍ୟାସବ୍ୟାକ ସୁବିଧା ପାଇପାରିବେ ଯାହାକି ଏକ ସୀମିତ ରହଣୀ ସମୟ ରିହାତିର ଅଂଶବିଶେଷ ଅଟେ। ଠିକ୍ ସେହିପରି ଗାଲାକ୍ସି ଜେଡ଼ ଫ୍ଲିପ୬ କ୍ରୟ କରିଥିବା ଗ୍ରାହକମାନେ ଏକ ଅପଗ୍ରେଡ଼ ବୋନସ୍ କିମ୍ବା ୨୪ ମାସର କୌଣସି ଇଏମଆଇ ମୂଲ୍ୟ ନଥିବା ୧୧୦୦୦ ଟଙ୍କାର କ୍ୟାସବ୍ୟାକ ସୁବିଧା ପାଇପାରିବେ ଯାହାକି ଏକ ସୀମିତ ରହଣୀ ସମୟ ରିହାତିର ଅଂଶବିଶେଷ ଅଟେ। ଏସବୁର ପ୍ରାରମ୍ଭିକ ମୂଲ୍ୟ ଗାଲାକ୍ସି ଜେଡ଼ ଫୋଲଡ଼୬ ପାଇଁ ୧,୬୪,୯୯୯/- ଟଙ୍କା ଥିବାବେଳେ ଗାଲାକ୍ସି ଜେଡ଼ ଫୋଲଡ଼୬ ପାଇଁ ୧,୦୯,୯୯୯/- ଟଙ୍କା ରହିଛି। ଗ୍ରାହକଗଣ ଯେଉଁମାନେ କି ନିଜର ବ୍ୟୟ ଭାର ସୁବିଧାକୁ ଦୃଷ୍ଟିରେ ରଖି ଆଉ କିଛି ଅଧିକ ସୁବିଧା ଆଶା କରୁଥାନ୍ତି।

## ପୂର୍ବତଟ ରେଳପଥ ଦ୍ୱାରା ରାଜ୍ୟସ୍ତରୀୟ ରୋଭର୍ସ ଏବଂ ରେଞ୍ଜର୍ସ ମିଟ୍

**ଭୁବନେଶ୍ୱର,୭।୧୦ (ମହାଭାରତ):** ପୂର୍ବତଟ ରେଳପଥ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଭୁବନେଶ୍ୱରର ରାଜ୍ୟ ମୁଖ୍ୟାଳୟରେ ଏହାର ଷ୍ଟେଟ୍ ଲେଭଲ୍ ରୋଭର୍ସ ଆଣ୍ଡ ରେଞ୍ଜର୍ସ ମିଟ୍ ଆୟୋଜନ କରୁଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ଓ୍ୱାଲଟିୟର ରେଳମଣ୍ଡଳର ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିବାବେଳେ ଏହାର ମୁଖ୍ୟାଳୟ ଓ ମଞ୍ଚେଶ୍ୱର ରେଳ ଡ଼ବା ମରାମତି କାରଖାନା ଏବଂ ପୁରୀ ୟୁନିଟ ସହିତ ରେଳପଥର ସମସ୍ତ କୋଣ ଅନୁକୋଣରୁ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇଛନ୍ତି। ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆଜି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ) ପ୍ରଦର୍ଶନ କରାଯାଇ ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି ଯାହାକି ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା।

ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କ ଦ୍ୱାରା ଆକର୍ଷଣୀୟ ପଥପ୍ରାନ୍ତ ନାଟକ ମାଧ୍ୟମରେ ସେମାନେ ସଫଳତାର ସହ ଜନସାଧାରଣଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ। ଦୈନନ୍ଦିନ ଜୀବନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସବୁ ପ୍ରକାରରେ ଦୁର୍ନୀତି ବିରୋଧରେ ସକ୍ରିୟ ଭାବରେ ଠିଆ ହେବା ଉପରେ ଗୁରୁତ୍ୱାରୋପ କରି ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦାନ କରି ସ୍ୱେଚ୍ଛାସେବୀମାନଙ୍କ ଉଦ୍ୟମ ତଥା ସାମାଜିକ କାରଣ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ଶ୍ରୀ ଫୁଙ୍କୱାଲ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କୁ ଉତ୍ସାହିତ କରି ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ଜାରି ରଖିବାକୁ ପ୍ରେରଣା ଦେବା ସହିତ ଭବିଷ୍ୟତର ପଦକ୍ଷେପ ପାଇଁ ସେମାନଙ୍କୁ ପୂର୍ବତଟ ରେଳପଥର ନିରନ୍ତର ସମର୍ଥନ ବିଷୟରେ ସୁନିଶ୍ଚିତ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଯୋଗଦାନର ମହତ୍ତ୍ୱ ଉପରେ ସେ ଆଲୋକପାତ କରି ସେମାନଙ୍କୁ ଏକ ସ୍ୱଚ୍ଛ ଏବଂ ଅଧିକ ନିର୍ମଳ ସମାଜ ଗଠନ ଦିଗରେ ସେମାନଙ୍କ ଯୋଗଦାନକୁ ଅଧିକ ସକ୍ରିୟ କରି ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ।

# ଦୂର୍ଗାପୂଜା ଭସାଣୀ ଉପଲକ୍ଷେ ଟ୍ରାଫିକ କଟକଣା

**ଭୁବନେଶ୍ୱର,୭।୧୦ (ମହାଭାରତ):** ଭୁବନେଶ୍ୱରରେ ଆସନ୍ତା ୧୪ ତାରିଖ ଦିନ ଦୂର୍ଗାପୂଜା ଭସାଣୀ ଯାତ୍ରା ଉପଲକ୍ଷେ ବିଭିନ୍ନ ରାସ୍ତାରେ ଯାନବାହାନ ଚଳାଚଳ ନିୟନ୍ତ୍ରିତ ତଥା ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ଉଦ୍ଦେଶ୍ୟରେ ଓଡିଶା ଅର୍ବାନ୍ ପୁଲିସ ଆକ୍ଟ ୨୦୦୩ ଧାରା ୨୮ (ଓଡ଼ିଶା ଆକ୍ଟ, ୨୦୦୭ ର ଧାରା ୮) ଏବଂ ପୋଲିସ କମିସନରେଟ୍ ଭୁବନେଶ୍ୱର କଟକ ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ ନିମ୍ନଲିଖିତ କଟକଣା ଗୁଡ଼ିକ ଅପରାହ୍ନ ୩ ଘଟିକା ଠାରୁ ରାତ୍ର ୧ ଘଟିକା କିମ୍ବା ଦୂର୍ଗାପୂଜା ଭସାଣୀ ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।

ସହିଦ ନଗରରେ ଭସାଣୀ ଯାତ୍ରା ଚାଲୁଥିବା ସମୟରେ କୌଣସି ଯାନବାହାନ ବାଣୀବିହାର ପଟୁ ରୂପାଲୀ ଛକ ଆଡକୁ ଯାଇପାରିବେ ନାହିଁ। ସେହି ଗାଡିଗୁଡିକ ବାଣୀବିହାର ଠାରୁ ସିଧା ଆଚାର୍ଯ୍ୟ ବିହାର ଦେଇ ଯାଇପାରିବେ। ଭସାଣୀ ଯାତ୍ରା ଚାଲୁଥିବା ସମୟରେ ଜନପଥ ରାସ୍ତାରେ କୌଣସି ଯାନବାହାନ ଚଳାଚଳ କରିପାରିବେ ନାହିଁ, ସେହି ଗାଡିଗୁଡିକ ସଚିବାଳୟ ମାର୍ଗ କିମ୍ବା ଏହାକୁ ସଂଯୋଗ କରୁଥିବା ରାସ୍ତା ଦେଇ ଯାଇପାରିବେ। ରାଜଧାନୀ ମନ୍ଦିର ସୁରକ୍ଷା ଭସାଣୀ ସମିତି, ନୟାପଲ୍ଲୀରେ ଭସାଣୀ ଯାତ୍ରା ଚାଲୁଥିବା ସମୟରେ ସିଆରପି ପଟୁ କଟକ ଆଡକୁ ଯିବାକୁ ଚାହୁଁଥିବା ଯାନବାହାନ ଗୁଡିକ ସିଆରପି ଛକ ଠାରୁ ଏକାମ୍ର ପାର୍କ, ବିଜୁ ପଟ୍ଟନାୟକ କଲେଜ ରାସ୍ତା ଦେଇ ଜୟଦେବ ବିହାର ଦେଇ ଯାଇପାରିବେ। ଏହି ଭସାଣୀ ଯାତ୍ରା ସମୟରେ ଷ୍ଟଆର୍ଟ ସ୍କୁଲ ରାସ୍ତା, ୟୁନିଟ-୮ ରାସ୍ତା, ଓ.ୟୁ.ଟି. ରାସ୍ତା ଏବଂ ନିୟୁ ଏୟାରପୋର୍ଟ ରାସ୍ତା ଦେଇ ଆସୁଥିବା ଯାନବାହାନ ଗୁଡିକୁ ଆବଶ୍ୟକ ଅନୁଯାଇ ଡାଇଭରସନ କରାଯିବ।

୪.ଉତ୍ତର ଭୁବନେଶ୍ୱର ଭସାଣୀ କମିଟୀ, ଚନ୍ଦ୍ରଶେଖର ପୁର ରେ ଭସାଣୀ ଯାତ୍ରା ଚାଲୁଥିବା ସମୟରେ କିଟଛକ ପଟୁ ନାଲକୋ ଛକ ଆଡକୁ କୌଣସି ଯାନବାହାନ ଯିବାକୁ ଦିଆଯିବ ନାହିଁ। ସେହି ଗାଡିଗୁଡିକ ନନ୍ଦନକାନନ ରାସ୍ତା ଦେଇ ଜୟଦେବ ବିହାର ଆଡକୁ ଯାଇପାରିବେ। ଖୋର୍ଦ୍ଧା ପଟୁ ଆସୁଥିବା ଭାରୀ ଯାନବାହାନ ଗୁଡିକ ଫାୟାର ଷ୍ଟେସନ ଛକ ଠାରୁ ଫ୍ଲାଏ ଓଭାର ବ୍ରିଜ ଦେଇ ଯାଇପାରିବେ। ସେମାନଙ୍କୁ ସର୍ଭିସ ରୋଡ ରେ ଯିବାକୁ ଦିଆଯିବ ନାହିଁ। ଏହି ନିୟମଟି ଜନସାଧାରଣଙ୍କ ସୁରକ୍ଷିତ ଓ ସୁଗମନାଗମନ ନିମନ୍ତେ ଲାଗୁ କରାଗଲା। ଏହି ନିୟମ ଖିଲାପ କଲେ ଖିଲାପକାରୀଙ୍କୁ ଓଡ଼ିଶା ଅର୍ବାନ୍ ପୁଲିସ ଆକ୍ଟ ୨୦୦୩ ଧାରା ୯୬ ଅନୁସାରେ ୫୦୦ ଟଙ୍କା କିମ୍ବା ସର୍ବାଧିକ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ଉପରୋକ୍ତ କଟକଣା ଗୁଡିକ ପୁଲିସ, ଫାୟାର ବ୍ରିଗେଡେ, ଏକ୍ସସାଇଜ, ଆମ୍ବୁଲାନ୍ସ ଓ ଅନ୍ୟ ଅତ୍ୟାବଶ୍ୟକୀୟ ଗାଡି ଗୁଡିକ ପାଇଁ ଲାଗୁ ହେବ ନାହିଁ।

## ଭୋଟ ବ୍ୟାଙ୍କ ରାଜନୀତି

ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଏହା ଏକ ଦେଶ ବିରୋଧୀ ଚିନ୍ତାଧାରା। ତେବେ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ରରୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ପ୍ରଥମେ ସମ୍ବିଧାନରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ହେଲା। ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଲାଗି ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା କରାଗଲା। କିନ୍ତୁ ବାବା ସାହେବ ଆମ୍ବେଦକର ଯେତେବେଳେ ଏହି ସଂରକ୍ଷଣ ବ୍ୟବସ୍ଥା କଲେ ସେତେବେଳେ ସେ ଭାବିନଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ସମାଜ ଲାଗି ଏକ ଅଭିଶାପରେ ପରିଣତ ହେବ। ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିବ ଏକଥା ସେ ଚିନ୍ତା କରିପାରିନଥିଲେ। କିନ୍ତୁ ଭାରତୀୟ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ନିମନ୍ତେ ଏହାର ଅବଧିକୁ ବଢ଼ାଇ ଚାଲିଛନ୍ତି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ମଧ୍ୟ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ ଏହାର ଉଲ୍ଲଙ୍ଘନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୧୯୯୦ରେ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଓବିସି ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହା ଦ୍ୱାରା ଭାରତରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଆହୁରି ଜଟିଳ ହୋଇଗଲା। ସାମାଜିକ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା। ଏବେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ ହେଉଛି। ବିହାର ସରକାର ଏଥିପାଇଁ ଜିତିଭିତ୍ତିକ ଜନଗଣନା କରିଛନ୍ତି। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ କରୁଛି ଏବଂ ସାରା ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରୁଛି। ଜାତି ଭିତ୍ତିରେ ଭାରତକୁ ଭାଗ ଭାଗ କରିବାକୁ ଏହା ପଥ ଉନ୍ମୁକ୍ତ କରିଦେବ ସଥିରେ ସନ୍ଦେହ ନାହିଁ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ଏକ ଜନସଭାରେ କହିଥିଲେ ଯେ, କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରାଇବ। କର୍ଣ୍ଣାଟକରେ କଂଗ୍ରେସ ସରକାର ଏଥିଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାହୁଲ ଯାହା କହିଛନ୍ତି ତାହା ବିସ୍ମୟଜନକ ଏବଂ ସମାଜ ପାଇଁ ବିପଜ୍ଜନକ। ସେ କହିଛନ୍ତି ଯେ, ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। କିନ୍ତୁ କେନ୍ଦ୍ରରେ ବିଭିନ୍ନ ବିଭାଗର ସଚିବ ପଦରେ ଥିବା ଆଇଏଏସଙ୍କ ମଧ୍ୟରୁ ମାତ୍ର ୩% ହେଉଛନ୍ତି ଓବିସି ବର୍ଗର।

# କୃତ୍ରିମ ଅମରତ୍ୱ

**॥ ଡାକ୍ତର ସମ୍ରାଟ କର ॥**


*ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି।*


ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳ ଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତ୍ତି କରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଞ୍ଚି ରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେ ଦିନ ଯାଏ ବଞ୍ଚିପାରିବ, ତାହାର ଉତ୍ତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧ୍ୟାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନ ଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି।

ନେଚର କମ୍ୟୁନିକେସନ ନାମକ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବ ଗୁଣ ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରିନଥାଏ। ଆମେରିକା, ରୁଷିଆ ଓ ବ୍ରିଟେନର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତ୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଲ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଞ୍ଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି।

ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଣ୍ଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ।

କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଞ୍ଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି।

ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମଣିଷ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


# ସୁଖ, ଶାନ୍ତି ଓ ସମନ୍ୱୟତାର ପର୍ବ - ଇଦୁଲ୍ ଫିତର

**॥ ମୌଲାନା ଫଜଲ ହକ ଖାନ୍ ॥**

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ସାମ୍ପ୍ରଦାୟୀକ ସ୍ନେହ,ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପ୍ରତ୍ୟେକ ଧର୍ମ,ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ । ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଓ ସଂଦେଶ ଦିଆ ଯାଇଥାଏ । ଇଦୁଲ ଫିତର ପର୍ବ ମଧ୍ୟ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ । ଏହା ସମାଜରେ ସ୍ନେହ,ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ । ଚତୁର୍ଦ୍ଦିଗରେ ଶୁଖ,ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ । ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ। ସେବା ଓ ସାହାଯ୍ୟର ପର୍ବ ହୋଇଥାଏ। ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ। ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ। ପରକୁ ନିଜର କରିନେବାର ପର୍ବ ହୋଇଥାଏ। ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ। ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ। ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ। ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ। ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ। ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ । ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ । ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକରେ ସାଜ ସଜା ହୋଇ ତଥା ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାଃଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢିବାକୁ ଯାଇଥାନ୍ତି। ଧର୍ମଗୁରୁ ବିଷେଶ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି,ଭାଇଚାରା,ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା,ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି। ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ । ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ । ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି।

ଅଲ୍ଲାଃ ପବିତ୍ର କୋରାନରେ ବର୍ଣ୍ଣନା କରିଛନ୍ତି ; ହେ ମାନବ ଜାତି ! ଆମ୍ଭେ ତୁମକୁ ପୁରୁଷ ଓ ସ୍ତ୍ରୀ ମଧ୍ୟରୁ ସୃଷ୍ଟି କରିଛୁ ଏବଂ ନିଜ ନିଜ ମଧ୍ୟରେ ପରିଚିତ ହେବା ପାଇଁ ଅନେକ ଗୋଷ୍ଠୀ ଓ ବଂଶରେ ବିଭକ୍ତ କରିଛୁ । ତୁମମାନଙ୍କ ମଧ୍ୟରେ ଯିଏ ଧର୍ମପରାୟଣ ହୋଇଥାଏ, ସେ ହିଁ ତୁମ ମଧ୍ୟରେ ସର୍ବଶ୍ରେଷ୍ଠ ଅଟେ ।

ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି । ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ । ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ । ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ହିନ୍ଦୁ ଓ ମୁସଲମାନମାନେ ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ୍ୟ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତୃତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ । ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ । ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ। ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ୍ୟ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ । ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ,ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ । ଯଦି କେହି ତୁମ ଦୁଇ ଜାତି ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯେ କେହି ଯେଉଁ ଡ଼ାଳରେ ବସିଥାଏ, ତାକୁ ହିଁ ହାଣିବାରେ ଲାଗିଥାଏ ।

ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ । ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା ହଜରତ ମିର୍ଜା ତାହିର ଅହମଦ କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ। ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ । ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ,ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ । ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ପ୍ରେମ କରେ ନାହିଁ। ରମଜାନ ଆମକୁ ସ୍ନେହ, ସୌହାର୍ଦ୍ଦ୍ୟ, ସମ୍ମାନ, ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ । ଆସନ୍ତୁ ଆମେ ଏହି ପଙ୍‌କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖବା । '' ହିନ୍ଦ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହେଁ ଭାଇ ଭାଇ /ଭାଇକୋ ହେ ଭାଇ ପ୍ୟାରା ଐସା ଓ୍ୱତନ୍ ରହେ ହମାରା !'' ଖୁଦା ହାଫିଜ୍ । ସବ୍‌କୋ ଇଦ୍ ମୁବାରକ୍।


ଭୁବନେଶ୍ୱର-୯୬୯୨୨୨୫୦୫୭


# ସାହିତ୍ୟପ୍ରାଣ ରାଜନେତା ନା ରାଜନୀତିରେ ସକ୍ରିୟ ସାହିତ୍ୟିକ !

**॥ ରଘୁନାଥ ମହାପାତ୍ର ॥**

ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା କେନ୍ଦ୍ରମନ୍ତ୍ରୀ ହୋଇଥିବା ତଥା ଦୀର୍ଘ ସମୟ ଧରି ରାଜ୍ୟ ରାଜନୀତିର କେନ୍ଦ୍ର ହୋଇ ରହିଥିବା ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ସାହିତ୍ୟପ୍ରାଣ ରାଜନେତା ଥିଲା ନା ରାଜନୀତିରେ ସକ୍ରିୟ ଥିବା ଜଣେ ସାହିତ୍ୟିକ ଥିଲେ, ତାଙ୍କ ସାହିତ୍ୟ କୃତିକୁ ଦେଖିଲେ ଯେକେହି ଦ୍ୱନ୍ଦ୍ୱରେ ପଡ଼ିବା ସ୍ୱାଭାବିକ। ତେବେ ଉଭୟ ରାଜନୀତି ଓ ସାହିତ୍ୟରେ ସଫଳ ହୋଇଥିବା ଓଡ଼ିଆଙ୍କ ଭିତରେ ସେ ଯେ ଶ୍ରେଷ୍ଠତମ ପ୍ରତିନିଧି ଥିଲେ, ଏଥିରେ ସନ୍ଦେହ ନାହିଁ। ପ୍ରାୟ ୧୪ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ଶ୍ରୀ ପଟ୍ଟନାୟକ ରାଜନୀତିର ବ୍ୟସ୍ତବହୁଳ ଜୀବନ ଭିତରେ ଯେଉଁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି, ତା'ର ତାଲିକା ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। କେବଳ ଓଡ଼ିଆରେ ନୁହେଁ, ସଂସ୍କୃତରେ ତାଙ୍କର ପାଣ୍ଡିତ୍ୟ ଜାତୀୟସ୍ତରରେ ମଧ୍ୟ ସ୍ୱୀକୃତ। ସେ କବିତାରୁ ତାଙ୍କ ସୃଜନ ଯାତ୍ରା ଆରମ୍ଭ କରିଥିଲେ। ଖୋର୍ଦ୍ଧା ହାଇସ୍କୁଲରେ ପଢୁଥିବା ସମୟରେ ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ କବିତା ଅଶୋକ। ସେଥିରେ ଥିଲା ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିବା ରାଜା ଅଶୋକଙ୍କ ଗୁଣଚର୍ଚ୍ଚା। ତାପରେ କବିତା ଲେଖା ଜାରି ରହିଲା ମଧ୍ୟେ ମଧ୍ୟେ ପ୍ରବନ୍ଧ। ସିନ୍ଧୁ ଉପତ୍ୟକା ତାଙ୍କର ଏକମାତ୍ର ପ୍ରକାଶିତ କବିତା ସଂକଳନ, ସେଥିରେ ଅଛି ୧୯୪୮ରୁ ୧୯୮୭ ମସିହା ମଧ୍ୟରେ ଦୀର୍ଘ ୪୦ ବର୍ଷ ଭିତରେ ସେ ଲେଖିଥିବା ୨୬ଟି ନିର୍ବାଚିତ କବିତା। ପରିମାଣ ଦୃଷ୍ଟିରୁ ୨୭ଟି କବିତା ବିଶେଷ ଅଧିକ ନୁହେଁ ଯଦିଓ, ଏହାର ଗୁଣାତ୍ମକ ଦିଗଟି ବେଶ୍ ବ୍ୟାପକ। ଏ ସଂକଳନଟି ହିନ୍ଦୀ, ବଙ୍ଗଳା ଓ ଅହମୀୟା ଭାଷାରେ ଅନୂଦିତ ହୋଇ ବେଶ୍ ଆଦୃତ ହୋଇଛି।

ତାଙ୍କର ଦୁଇଟି ପ୍ରବନ୍ଧ ସଂକଳନ ପ୍ରକାଶିତ ସ୍ୱପ୍ନ ଓ ସଂକଳ୍ପ ଓ ନିର୍ବାଚିତ ପ୍ରବନ୍ଧ ସଂକଳନ। ଏ ପ୍ରବନ୍ଧଗୁଡ଼ିକର ସବୁଠାରୁ ଉଲ୍ଲେଖନୀୟ ଦିଗଟି ହେଉଛି, ଏଗୁଡ଼ିକର ବିଷୟବସ୍ତୁ, ଆଶ୍ଚର୍ଯ୍ୟଜନକ ଭାବେ ବିସ୍ତୃତ। ସେଥିରେ ରାଜନୀତି, ସଂସ୍କୃତି, ଇତିହାସ, ଧର୍ମ, ସାହିତ୍ୟ, ସମାଜ ଚେତନା, ପରିବେଶ ଆଦି ବିବିଧ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ସବୁ ଲେଖାରୁ ଲେଖକଙ୍କର ପାଣ୍ଡିତ୍ୟ, ବିସ୍ତୃତ ପଠନ ଓ ଅଭିଜ୍ଞତାର ସ୍ପଷ୍ଟ ପ୍ରମାଣ ମିଳେ। ତେବେ ଖବରକାଗଜର ସ୍ତମ୍ଭରେ ତଥା ଅନ୍ୟ କିଛି ପତ୍ରିକାରେ ସେ ଲେଖିଥିବା ଆହୁରି ଅନେକ ପ୍ରବନ୍ଧ ବା ନିବନ୍ଧ ସଂକଳିତ ହୋଇନାହିଁ। କେବଳ ରାଜନୀତି, ସଂସ୍କୃତି ବା ସାହିତ୍ୟକୁ ନେଇ ନୁହେଁ, କ୍ରୀଡ଼ାକୁ ନେଇ ମଧ୍ୟ ସେ ନିବନ୍ଧ ଲେଖିଛନ୍ତି। ପରିଣତ ବୟସରେ ଫୁଟବଲ୍ ବିଶ୍ୱକପ୍ ଉପରେ ସେ ଲେଖିଛନ୍ତି। ଏଥିରୁ ବିଷୟ ଚୟନ ମାମଲାରେ ତାଙ୍କ ପ୍ରବନ୍ଧଗୁଡ଼ିକ କେତେ ବିବିଧଅନୁମାନ କରାଯାଇପାରେ। ସଂସ୍କୃତରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ଶ୍ରୀ ପଟ୍ଟନାୟକ ଅନୁବାଦ କ୍ଷେତ୍ରରେ ବୋଧହୁଏ ସବୁଠାରୁ ଅଧିକ ସଫଳତା ହାସଲ କରିଛନ୍ତି। ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ତିନିଟି ଯାକ ପ୍ରମୁଖ ମହାଭାରତୀୟ ମହାଗ୍ରନ୍ଥର ଗଦ୍ୟାନୁବାଦ ସେ କରିଛନ୍ତି। ସେ ଅନୁବାଦର ଶୈଳୀ ଯେତିକି ପାଣ୍ଡିତ୍ୟପୂର୍ଣ୍ଣ ସେତିକି ସାବଲୀଳ। ଭର୍ତ୍ତୃହରିଙ୍କ ଶତକ ତ୍ରୟର ଓଡ଼ିଆ ଅନୁବାଦ ଶ୍ରୀ ପଟ୍ଟନାୟକଙ୍କ ସୃଜନ ଦକ୍ଷତା ଏବଂ ସଂସ୍କୃତ ଜ୍ଞାନର ସୁନ୍ଦର ପ୍ରମାଣ ବହନ କରେ। ଏହି ଅନୁବାଦ ପାଇଁ ସେ ଅନୁବାଦ ବିଭାଗରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। କେବଳ ସେତିକିନୁହେଁ ଦୁଇଖଣ୍ଡରେ ପ୍ରକାଶିତ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସମାଳାର ଅନୁବାଦ ପାଇଁ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନ। ଶ୍ରୀ ପଟ୍ଟନାୟକଙ୍କର ଅନ୍ୟ ପ୍ରକାଶିତ ଲୋକପ୍ରିୟ ବହିଗୁଡ଼ିକ ଭିତରେ ରିଛି ଗୌତମ ବୁଦ୍ଧ ଓ ରାମକୃଷ୍ଣ କଥାମୃତର ସୁନିର୍ବାଚିତ ପୁନକଥନ ମାଲୁଣୀର ଫୁଲ। ଜଣେ ସୁସାହିତ୍ୟିକ ବିଦ୍ୱାନ ଓ ପ୍ରଖ୍ୟାତ ସାମ୍ବାଦିକତା ପରି ସୃଜନଶୀଳ ଗୁଣରେ ପରିପୂର୍ଣ୍ଣ ଥିଲେ ଜାନକୀବଲ୍ଲଭ। ଓଡ଼ିଆ ସାହିତ୍ୟ କେବଳ ନୁହେଁ ସର୍ବଭାରତୀୟ ଭାଷା ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ କାଳଜୟୀ ହୋଇ ରହିବ।


ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସଟ ସର୍କିଟ ଯୋଗୁଁ ଘରେ ଲାଗିଲା ନିଆଁ, ଜଳି ଗଲା ଅନେକ ଆସବାବପତ୍ର



କୋକସରା,(ମହାଭାରତ): କୋକସରା ବ୍ଳକ ମହିମା ଗ୍ରାମ ପଞ୍ଚାୟତ ଭୁର୍ଷାଗୁଡାର ବୃଦ୍ଧା ନିରାଶ ମାଝୀ(୬୨)ଙ୍କ ଘର ସର୍ଟ ସର୍କିଟ ହୋଇ ଜଳି ଯାଇଛି। ସୋମବାର ରାତି ସର୍ଟ ସର୍କିଟ ହୋଇ ଘରେ ନିଆଁ ଲାଗିଯାଇଥିଲା, ଏହାପରେ ପରିବାର ଓ ସ୍ଥାନୀୟ ଲୋକେ ଦିର୍ଘ ସମୟର ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ବିଚ୍ଛିନ୍ନ କରିଥିଲେ। ଅଗ୍ନିକାଣ୍ଡରେ ଘରେ ଥିବା ଚାଉଳ, ଟିଭି, ଫ୍ୟାନ ସହ ଅନେକ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ତେବେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

## ଗ୍ୟାସ ବୋଝାଇ ଟ୍ରକ ସହ ଧକ୍କା ରେ ଦୁଇ ଯୁବକ ମୃତ୍ୟୁ



ପାଟଣାଗଡ ( ମହାଭାରତ ) ପାଟଣାଗଡ଼ ବେଲପଡା ମୁଖ୍ୟ ରାସ୍ତାରେ ଆଦର୍ଶ ବିଦ୍ୟାଳୟ ସମ୍ପର୍କରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ।ଦୁର୍ଘଟଣା ରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇ ଯାଇଛି । ମୃତକ ଦ୍ୱୟ ହେଲେ ଭରୁଆମୁଣ୍ଡା ଗ୍ରାମର ଦୁଃଖନାଶନ ନାଏକ ବୟସ ୩୫ ଓ କେଶବ ମାଝୀ ର ବୟସ ୩୭ ବୋଲି ଜଣା ପଡିଥିଲା । ସୂଚନା ଅନୁସାରେ ଗତ କାଲି ସଧ୍ୟା ସମୟରେ ବଲାଙ୍ଗୀର ଜିଲ୍ଲା ବେଲପଡା ଥାନା ଭରୁଆମୁଣ୍ଡା ଗ୍ରାମର ଦୁଃଖନାଶନ ଓ କେଶବ କୌଣସି କାମ ପାଇଁ ପାଟଣାଗଡ ପଟୁ ନିଜ ଘର କୁ ଫେରୁଥିଲେ ଠିକ୍ ଏହି ସମୟରେ । ବିପରୀତ ଦିଗରୁ ଏକ ଗ୍ୟାସ୍ ବୋଝାଇ ଟ୍ରକ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା । ଯାହା ଫଳରେ ଦୁଃଖନାସନ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଯାଇ ଥିବା ବେଳେ କେଶବଙ୍କ ଚିକିତ୍ସାଧିନ ଅବସ୍ଥାରେ ପାଟଣାଗଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇ ଯାଇଥିଲା ବୋଲି ସୂଚନା ମିଳିଥିଲା ବେଳେ ପରିବାର ଏବଂ ଅଂଚଳବାସି କ୍ଷତି ପୂରଣ ନ ଦେଲା ପ୍ରଯ୍ୟନ୍ତ ।ଲୋକେ ସେଠାରେ ରାଜ ରାସ୍ତା ରେ ରାସ୍ତା ରୋକ କରିଥିବା ବେଳେ ପ୍ରଶାସନ ପହଞ୍ଚି ବୁଝା ସୁଝା କରିଥିଲା ପରେ ଗ୍ୟାସ ବୋଝାଇ ଟ୍ରକ କୁ ପାଟଣାଗଡ଼ ଥାନା କୁ ଆଣି ଅଧିକ ପଚରା ଉଚରା କରିଥିଲା ପୁଲିସ।

## ପାଟଣା ବନାଞ୍ଚଳ ର ଚଢ଼ାଉ କାଠ ସହ ପିକଅପ ଭ୍ୟାନ ଜବତ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ସାହାରପଡା ଅନ୍ତର୍ଗତ ମାଛଗଡ଼ ବିଟ ରୁ ରାତିରେ କେନ୍ଦୁଯୋଡ଼ା ଗ୍ରାମ ରୁ ଏକ ପିକଅପ ଭ୍ୟାନ ଚୌକାଠ ନେଇ ଆସୁଥିବା ବେଳେ ପାଟଣା ବନା□ଳ ସାହାରପଡା ବନପାଳ ମିଳିତ ଚଢ଼ାଉ କରି ଥିଲେ ।ଘଟଣାସ୍ଥଳ ରୁ ଡ୍ରାଇଭର ଫେରା ରେ ହୋଇ ଯାଇଥିବା ବେଳେ ପିକଅପ ଭ୍ୟାନ ସହ କାଠ କୁ ପାଟଣା ବନାଞ୍ଚାଳ କାର୍ଯ୍ୟାଳୟ କୁ ଅଣାଯାଇଛି । ଜବତ କାଠ ର ଅନୁମାନନିକ ମୂଲ୍ୟ ୫୦ହଜାର ଟଙ୍କା ଦେବ ବୋଲି ବନା□ଳ ଅଧିକାରୀ ବନ ବିହାରୀ ସର୍ଦାର କହିଛନ୍ତି । ଏହି ଘଢ଼ାଉ ରେ ପାଟଣା ବନପାଳ ଅଧିକାରୀ ପିଅନ ନାଏକ,ସାହାରପଡା କର୍ମଚାରୀ ଦୀପକ କୁମାର ରଣା,ପାରା କର୍ମଚାରୀ ଅଟଳ ବିହାରୀ ସେଠୀ,ଏମ.ଡି ଓ୍ୱାସ୍ମି, ସଞ୍ଜୟ ମହାନ୍ତ,ରମାକାନ୍ତ ମହାନ୍ତ,ଝାଡସ୍ୱେର ମହାନ୍ତ,କାର୍ତ୍ତିକା ମହାନ୍ତ,ଉମେଶ ମହାନ୍ତ ସାମିଲ ଥିଲେ।



## ସାଜସଜ୍ଜାର ଅନ୍ତିମ ପର୍ଯ୍ୟରେ ଡମଝର ଦୁର୍ଗାପୂଜା

ଖଡ଼ିଆଲ:(ମହାଭାରତ) ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ ଡମଝର ଗ୍ରାମରେ ୧୯୫୮ ମସିହାରୁ ହୋଇ ଆଶୁଥିବା ଏହି ପୂଜା ଚଳିତ ବର୍ଷ ୬୬ ବର୍ଷରେ ପହଞ୍ଚିଛି । ଚଳିତ ବର୍ଷ ମନ୍ଦିର ତୋରଣରେ ବିଜେ କରିବେ ଜଗତ ଜନନୀ ମା ଦୁର୍ଗା ଓ ତାଙ୍କ ସହ ରହିବେ ଗଣେଶ,କାର୍ତିକ,ଲକ୍ଷ୍ମୀ ଓ ସରସ୍ୱତୀ । ପାଞ୍ଚ ଦିନ ଧରି ପୂଜା ପାଇବେ ମା ଦୁର୍ଗା । ସେପଟେ ବିଭିନ୍ନ ମନଲୋଭା ର ତୋରଣି ଓ ଜନସାଧାରଣ ଙ୍କ ମନକୁ ଜିଣି ନେଉଥିବା ଭଳି ଆଖି ଝଲସା ସାଜସଜା । ଲୋକଙ୍କୁ ଆକୃଷ୍ଟ କରିବାପାଇଁ ଅନେକ ପ୍ରକାର ସାଜସଜା ସହ ଲିଟୁ ଲାଇଟ ଭଳି ଅନେକ ଅତ୍ୟାଧୁନିକ ସାଜସଜା ଉପରେ ପୂଜା କମିଟି ର କର୍ମକର୍ତ୍ତା ମାନେ ଗୁରୁତ୍ୱ ଦେଉଛନ୍ତି।

## ବ୍ଲକସ୍ତରୀୟ ଶିଶୁ ମୋହତ୍ସବ ସୁରଭି ଅନୁଷ୍ଠିତ



ବିଷମ କଟକ(ମହାଭାରତ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ସଦରମହକୁମା ସ୍ଥିତ ବିଜୁ କଲ୍ୟାଣମଣ୍ଡପ ପରିସର ଠାରେ ବ୍ଲକ୍ ସ୍ଥରୀୟ ଶିଶୁ ମୋହତ୍ସବ ସୁରଭି ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଷମକଟକ ଗୋଷ୍ଟି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସଦାଶିବ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଦକ୍ଷ ଶ୍ରୀଯୁକ୍ତ ଦେବୀପ୍ରସାଦ ପଟ୍ଟନାୟକ ,ନଡ଼ାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପକ, ମାଧବ ସାରକା, ଅଭୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ସୂଚନା ଅନୁଯାଇ ବ୍ଲକ୍ ର ୧୫ ଟି କ୍ଲଷ୍ଟର ସ୍ତରରେ ୨୫ ସେପ୍ଟେମ୍ବର ଠାରୁ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ୪୩୦ ଛାତ୍ର ଛାତ୍ରୀ ଭାଗନେଇଥିବା ବେଳେ କାଯ୍ୟକ୍ରମରେ ବକ୍ତୃତା, ତର୍କ, ପ୍ରବନ୍ଧ ଲିଖନ ଚିତ୍ରାଙ୍କନ,ସଂଗୀତ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୦ ଗୋଟି ବିଭାଗରେ ଆସିଥିବା ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ପଦକ ଦେଇ ଅତିଥି ମାନେ ପୁରସ୍କୃତ କରିଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସୁରଭି ୨୦୨୪ ରେ ଅଂଶଗ୍ରହଣ କରିବେ ବୋଲି ଗୋଷ୍ଟି ଶିକ୍ଷା ଅଧିକାରୀ ନବିନଚନ୍ଦ୍ର ଖରା ସୂଚନା ଦେଇଛନ୍ତି।

## ଓ.ୟୁ.ଡବ୍ଲୁ.ଜେ. ଓ ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ନୂତନ ଏସ.ପି.ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ



ଖୋର୍ଦ୍ଧା (ମହାଭାରତ), ଜ଼ିଲ୍ଲା ର ନୂତନ ଆରକ୍ଷୀ ଅଧିକ୍ଷକ ଭାବରେ ଭାରତୀୟ ପୁଲିସ ସେବା ଅଧିକାରିଣୀ ସାଗରିକା ନାଥ କାର୍ଯ୍ୟରେ ଯୋଗଦେବା ପରେ ଖୋର୍ଦ୍ଧା ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଆଜି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ (ଓ. ୟୁ.ଡବ୍ଲୁ.ଜେ)ଖୋର୍ଦ୍ଧା ଜ଼ିଲ୍ଲା ଶାଖା ଏବଂ ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ଖୋର୍ଦ୍ଧା ଜ଼ିଲ୍ଲା ର ଆଇନ ଶୃଙ୍ଖଳା ପରିସ୍ଥିତି ରେ ସୁଧାର ଆଣିବା, ବେଆଇନ ଭାବରେ ଖଣିଜ ସମ୍ପଦ ଲୁଟ କରୁଥିବା ଖଣି ମାଫିଆ ଏବଂ ବ୍ରାଉନ ସୁଗାର କାରବାର ରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷ ଏବଂ ଅପରାଧୀ ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଖୋର୍ଦ୍ଧା ସହର ର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା କୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମ୍ବର୍ଦ୍ଧନା ର ପ୍ରତିଉତ୍ତର ରେ ସେ କହିଥିଲେ ଜ଼ିଲ୍ଲା ପ୍ରଶାସନ ସହଯୋଗ ରେ ସମସ୍ତ ସମସ୍ୟା ର ସମାଧାନ କରାଯିବା ସହିତ ଖୋର୍ଦ୍ଧା ଜ଼ିଲ୍ଲା କୁ ଅପରାଧୀ ମୁକ୍ତ ଏବଂ ନିଶାମୁକ୍ତ ଜ଼ିଲ୍ଲା ଭାବରେ ଗଢିତୋଳିବା କୁ ସେ ପ୍ରାଥମିକତା ଦେବେ ବୋଲି କହିବା ସହିତ ଏଥିପାଇଁ ସମସ୍ତଙ୍କ ର ସହଯୋଗ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ଜ଼ିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ( ଓ. ୟୁ. ଡବ୍ଲୁ. ଜେ )ଖୋର୍ଦ୍ଧା ଜ଼ିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଦିବ୍ୟକାନ୍ତ ବେହେରା, ରଞ୍ଜିତ ସାମନ୍ତରାୟ,ଆକାଶ ବିଶ୍ୱାଳ, ଗୋପାଳ କୃଷ୍ଣ ଦାସ,ବାଲୁଙ୍କେଶ୍ୱର ବେହେରା, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ,ଏମ.ଡି.କୁତୁବୁଦ୍ଦିନ ଖାନ, ପ୍ରମୋଦ ମହାପାତ୍ର, ଲକ୍ଷ୍ମୀଧର ସାହୁ, ସଞ୍ଜୟ କର,ସୁଚିତ୍ର ଭୁଜବଳ ଜାଗେଶ୍ୱର ପ୍ରଧାନ ପ୍ରମୁଖ ଓ. ୟୁ. ଡବ୍ଲୁ. ଜେ. ଏବଂ ଜ଼ିଲ୍ଲା ପ୍ରେସ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସିଆଇଏସଏଫ ଯବାନ ନାବାଳିକା କୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ କୋର୍ଟ ଚାଲାଣ

ଅନୁଗୋଳ,(ମହାଭାରତ)ବଆଁରପାଳ :ନାଲକୋ ନଗର ଥାନା ଅଞ୍ଚଳ ରେ ଜଣେ ସିଆଇ ଏସ ଏଫ ଯବାନ ନାବାଳିକା ଝିଅକୁ ଅଶ୍ଳୀଳ ଆଚରଣ କରିଥିବା ଅଭିଯୋଗ ରେ ନାଲକୋ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାଇ ନାଲକୋ ସିଆଇଏସଏଫ ୟୁନିଟ ରେ କାର୍ଯ୍ୟରତ ଯବାନ ବିବାହିତ ଭୁପେନ୍ଦ୍ର ସିଂ ଚୌହାନ ସେହି ଅ□ଳ ର ଜଣେ ଅଶ୍ଳୀଳ ଇଙ୍ଗିତ କରିଥିଲା ଏ ନେଇ ନାବାଳିକା ଜଣକ ନିଜ ଘରେ ଯାଇ ଜଣାଇ ଥିଲା। ପରିବାର ପକ୍ଷରୁ ସିଆଇଏସଏଫ ୟୁନିଟ ର ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇ ଜଣାଇଥିଲେ। ଏ ନେଇ ସିଆଇଏସଏଫ ୟୁନିଟ ପକ୍ଷରୁ ଆସିଷ୍ଟାଣ୍ଟ କମାଣ୍ଡେ□ ଆଦିତ୍ୟ ପୋଖରା ନାଲକୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି,ସୂଚନା ଅନୁଯାୟୀ ଶ୍ରୀ ଚୌହାନ ପୂର୍ବରୁ କିଛି ଦିନ ହେବ ନିଜ ଚାକିରୀ କାର୍ଯ୍ୟକ୍ଷେତ୍ର ରେ ବିଭିନ୍ନ ସମୟରେ ଅଧିକାରୀ ଙ୍କ ଦ୍ୱାରା ନିଲମ୍ବନ ହୋଇଛନ୍ତି। ଆଜି ପୁନର୍ବାର ନାବାଳିକା କୁ ଅସଦ ଆଚରଣ କରିବା ଅଭିଯୋଗରେ ଅଭିଯୋଗ କରାଯାଇଥିଲା ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ହଦଗଡ଼ ଜବହାର ନବୋଦୟ ବିଦ୍ୟାଳୟ ଛାତ୍ରୀ ଓଡ଼ିଶା ରୁ କରିବେ ପ୍ରତିନିଧି




ହାଟଡିହ(ମହାଭାରତ): ହାଟଡିହି କିଛି ଦିନ ପୂର୍ବରୁ ଛାତ୍ର ରାଗିଂ ଘଟଣା ରେ ହଦଗଡ଼ ଜବାହର ନବୋଦୟ ବିଦ୍ୟାଳୟଟି ଚର୍ଚ୍ଚା ର କେନ୍ଦ୍ର ବିନ୍ଦୁ ପାଲଟି ଥିବା ବେଳେ ଏବେ କିନ୍ତୁ ଓଡ଼ିଶାରୁ ସ୍ୱତନ୍ତ୍ର ପରିଚୟ ନେଇ ଆସନ୍ତା ନଭେମ୍ବର ୧୧ ତାରିଖ ରୁ ୧୮ ତାରିଖ ପର୍ଯ୍ୟନ୍ତ ସୁଦୂର ଗୁଜୁରାଟ ରାଜ୍ୟ ର ଖେଡ଼ା ଜିଲ୍ଲାର ନଡିୟାଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶାକୁ ପ୍ରତିନିଧି କରିବା ପାଇଁ ୪ ଜଣ ବାଳିକା ମନୋନିତ ହୋଇଛନ୍ତି। ଏହି ୪ ଜଣ ଙ୍କ ମଧ୍ୟରେ ହଦଗଡ଼ ଜବାହର ନବୋଦୟ ବିଦ୍ୟାଳୟ ସ୍ଥିତ ପି.ଏମ୍. ଶ୍ରୀ ବିଦ୍ୟାଳୟର ୯ ମ ଶ୍ରେଣୀ ଛାତ୍ରୀ ଦିପ୍ତୀ ପ୍ରଭା ପାତ୍ର (ତୀର ଚାଳନା ) ଓ ଏକାଦଶ ଶ୍ରେଣୀ ର ଛାତ୍ରୀ ପ୍ରଭାସିନୀ ହାଂସଦା (ଖୋ-ଖୋ)ବର୍ଗରେ ଓଡ଼ିଶା ପାଇଁ ଚୟନ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ପି. ମଣି କନ୍ଦନ ଅଭିନନ୍ଦନ ଜଣାଇଛନ୍ତି। ଯାହାକୁ ନେଇ ବ୍ଲକ ପକ୍ଷରୁ ହାଟ ଡ଼ିହୀ ବ୍ଲକ ର ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୌମ ଶ୍ରୀ ପାଣିଗ୍ରାହୀ ହଦଗଡ଼ ସ୍ଥିତ ବିଦ୍ୟାଳୟରେ ପହଞ୍ଚି ଉଭୟ ବାଳିକାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜାତୀୟ କ୍ରୀଡ଼ା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଯାହାକୁ ନେଇ ହାଟଡିହି ଅଞ୍ଚଳ ରେ ଖୁସି ରେ ଲହରୀ ଖେଳିଯାଇଛି।

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ପରଜଙ୍ଗ(ମହାଭାରତ) ପରଜଙ୍ଗ ବ୍ଲକ୍ ରୋଡ ପଞ୍ଚାୟତ ରେ ପଲ୍ଲୀରେ ପ୍ରଶାସନ ଜଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଅଭିଯୋଗ ଶୁଣାଣି ରେ ପଞ୍ଚାୟତ ସମିତିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ଲୋକମାନଙ୍କ ଆବାସ ଗୃହ,ପାଣି ସମସ୍ୟା,ଜମି ପଟା, ଇଲେକ୍ଟ୍ରୀ ସମସ୍ୟା ଓ ମେଡ଼ିକାଲ ଆଦିର ଅଭିଯୋଗ ଶୁଣିବା ସହ ଏକ ଗୁଣ୍ଠ ଲେଖା ୨ ଜଣଙ୍କୁ ଜମି ପଟା କରିଥିଲେ। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଡ଼ିଓ ସଞ୍ଜୟ କୁମାର ପଣ୍ଡା,ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନି ରାଉତ,ରୋଡ ପଞ୍ଚାୟତର ସରପଞ୍ଚ ବିଶ୍ୱଜିତ ନାୟକ ପ୍ରମୁଖ ଉପସ୍ଥିତି ଥିଲେ।

## ଜଗନ୍ନାଥପୁରରେ ୩୨ ଏକର ଅନାବାଦୀ ଜମିକୁ ହାତେଇବାକୁ ଉଦ୍ୟମ

କଣ୍ଟାପଡ଼ା (ମହାଭାରତ):ରାଜଧାନୀ ଉପକଣ୍ଠ ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ପାଖରେ ଥିବା ୩୨ଏକର ଆବାଦ ଯୋଗ୍ୟ ଅନାବାଦୀ ମୂଲ୍ୟବାନ ଜମିକୁ ଜମି ମାଫିଆମାନେ ଇଡକୋ ମାଧ୍ୟମରେ ହାତେଇବା ପାଇଁ ବହୁ ମସୁଧା ଚଳାଇ ଥିବା ଜଣା ପଡିଛି ।ଏହି ମୂଲ୍ୟବାନ ଜମିଟି କଟକ ଭୁବନେଶ୍ୱର ମଧ୍ୟଭାଗରେ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥକୁ ଲାଗି ଜମିଟି ଥିବା ବେଳେ ବହୁ ଜମି ମାଫିଆଙ୍କ ନଜର ଏହି ଜମି ଉପରେ ପଡ଼ିଛି। ଦୀର୍ଘ ବର୍ଷ ଧରି ବଡ ବଡ ଜମି ମାଫିଆମାନେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଏହି ମୂଲ୍ୟବାନ ସମ୍ପତିକୁ ଲିଜ୍ ନେଇ ଆତ୍ମସ୍ୱା କରିବା ପାଇଁ ବହୁ ହିନ ଉଦ୍ୟମ କରିଆସୁଛନ୍ତି । ପୂର୍ବରୁ ଏହି ଜମି ବିଜୁପଟ୍ଟନାୟକ ଷ୍ଟିଲ୍ ଇନିଷ୍ଟିଚ୍ୟୁଟ୍ ନାମକ ଏକ ସଂସ୍ଥା ୨୫ ଏକର ଜମି ଲିଜ୍ ନେଇ ଲିଜ୍ ପଟ୍ଟା ହାସଲ କରିଥିଲା ।କିନ୍ତୁ ଗ୍ରାମବାସୀଙ୍କର ଉଚ୍ଚନ୍ୟାୟାଳୟରେ ଆଇନଗତ ଲଢେଇ ଓ ପ୍ରଶାସନ ସ୍ତରରେ ବହୁ ଉକ୍ତ ସମ୍ପତି ପୂର୍ବଖାତାକୁ ଫେରିଆସିଅଛି ଓ ପୂର୍ବ ରେକର୍ଡ ମଧ୍ୟ କାୟମ ଅଛି । ବର୍ତମାନ ଆଉ ଏକ ସଂସ୍ଥା ସଂପୃକ୍ତ ସମ୍ପତିକୁ ଆତ୍ମସ୍ୱା କରିବାପାଇଁ ଲିଜ୍ ଆବେଦନ କରିଛନ୍ତି । ଯାହାକି, ଖୋର୍ଦ୍ଧା ଜିଲ୍ଲାପାଳଙ୍କ କୋର୍ଟରେ ବଳବତର ରହିଛି ।ଏଥିପାଇଁ ଗତ ସୋମବାର ଦିନ ୧୦ ଘଟିକା ସମୟରେ ଜଗନ୍ନାଥପୁର ପଞ୍ଚାୟତ ଅଫିସ ସମ୍ମିଳନୀ କକ୍ଷ ଠାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣୀ ଶିବିରରେ ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା, ବାଲିଅନ୍ତା ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡ଼ିଓ) , ଇଡକୋ ର ପ୍ରଶାସନିକ ଅଧିକାରୀ, ବାଲିଅନ୍ତା ୧୬ ନମ୍ବର ଜୋନର ଜିଲ୍ଲାପରିଷଦ ମହେଶ୍ୱର ଦାସ, ଜଗଓାଥପୁର ସରପଞ୍ଚ ବିଶ୍ୱଜି ଭୋଇ, ପୂର୍ବତନ ସରପଞ୍ଚ ବଇଁଶୀଧର ଭୋଳ , ପାହାଳ ଥାନାର ଇନ୍ସପେକ୍ଟର ସ୍ମୃତି ରଞ୍ଜନ ମହାନ୍ତି ଏବଂ ଜଗନ୍ନାଥପୁର ଗ୍ରାମ୍ୟ କମିଟିର ସଭାପତିଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା, ଅଞ୍ଚଳର ବିଶିଷ୍ଟ ମୁରବୀ ଓ ଯୁବକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ସର୍ବସମ୍ମତି କ୍ରମେ ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଘୋର ଅସୁବିଧା ଥିବାରୁ ଠାରେ ଏକ ଗୋଷ୍ଠୀ ଉତ୍ତୟନ ଡାକ୍ତରଖାନା ପ୍ରତିଷ୍ଠା କରିବା ସହ ପିଲାମାନଙ୍କର ଖେଳ କସରତ ପାଇଁ ଏକ ଆଧୁନିକ ବ୍ୟାୟାମ ଘର ଓ ଷ୍ଟାଡ଼ିୟମ୍ ପ୍ରତିଷ୍ଠା କରିବା ପାଇଁ ଉପରିସ୍ଥ ଅଧିକାରୀ ମାନଙ୍କ ମଧ୍ୟମାରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅଂଚଳର ଶହ ଶହ ଯୁବକ/ ଯୁବତତୀ ନିଜର ଭବିଷ୍ୟତ ଗଠନ ପାଇଁ ଏହି ପଡିଆ ରେ ପ୍ରାତଃ ଭ୍ରମଣ, ଦୌଡ, ଶାରରୀକ ବ୍ୟାୟାମ ଓ ଖେଳକସରତ କରି ସରକାରଙ୍କର ଆର୍ମି, ନାଭାଲ, ଏୟାରଫୋର୍ସ, ପୋଲିସ ଓ ରେଳେଓ୍ୱେ ଇତ୍ୟାଦି ବିଭାଗରେ ଆତ୍ମ ନିଯୁକ୍ତି ପାଇଛନ୍ତି। ତେଣୁ ଏହି ପଡିଆରେ ୨୦ ଏକର କିମ୍ବା ତା ଠାରୁ ଅଧିକ ସମ୍ପତି ମଧ୍ୟରେ ଏକ ମିନି ଷ୍ଟାଡ଼ିୟମ ପ୍ରତିଷ୍ଠା କରାଗଲେ ଏ ଅଂଚଳର ଯୁବକ ଓ ଯୁବତୀମାନେ ବିଶେଷ ଉପକୃତ ହେବେ ଦାବି କରିଛନ୍ତି । ଯଦି ଉକ୍ତ ୩୨ ଏକର ଜମି ଇଡକୋ ହାତାଏ ତେବେ ଗ୍ରାମବାସୀଙ୍କ ରାଜ ରାସ୍ତା ଓହ୍ଲାଇବେ ବୋଲି ଚେତାବନୀ ପ୍ରଶାସନ କୁ ଦେଇଛନ୍ତି।

## ବ୍ଲକ ସ୍ତରୀୟ ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ

କରଞ୍ଜିଆ,(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ସମନ୍ୱୀତ ଶିଶୁ ବିକାଶ ଯୋଜନା ପକ୍ଷରୁ ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ବେଟି ବଚାଅ ବେଟି ପାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ପ୍ରେମଲତା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକର ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ,ସମ୍ମାନୀତ ଅତିଥି ଭାବେ ଏବିଡିଓ ଟଙ୍କଧର ମହାନ୍ତ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡ଼ ଚିତରଞ୍ଜନ ନାଏକ,ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ , ଅତିରିକ୍ତ ଶିକ୍ଷା ଅଧିକାରିଣୀ ସଂଯୁକ୍ତା ନାଏକ ପ୍ରମୁଖ ଉପସ୍ଥିତ ରହି ଶିଶୁ ମାନଙ୍କ ପାଇଁ ଉଦିଷ୍ଟ ସରକାର ଙ୍କ ବିଭିନ୍ନ ଯୋଜନା , ବାଲ୍ୟ ବିବାହ ବନ୍ଦ କରିବା , ଭୃଣ ହତ୍ୟା ବନ୍ଦ କରିବା ଆଦି ଦିଗରେ , ବେଟି ବଚାଅ ବେଟି ପଢାଅ ଉପରେ ବହୁ ମୂଲ୍ୟ ବକ୍ତବ୍ୟ ଦେଇଥିଲେ। ଶିଶୁ କନ୍ୟା ଦିବସ ପାଳନ ସପ୍ତାହ- ୨୦୨୪ ଅବସରରେ ସରପ□, ସମିତି ସଭ୍ୟ /ସଭ୍ୟା , ସୁପରଭାଇଜର, ଅଙ୍ଗନବାଡି କର୍ମୀ , ଆଶା କର୍ମୀ ଉପସ୍ଥିତ ଥିଲା ବେଳେ ୧୦ ଛାତ୍ରୀ ଙ୍କ ଖାତ ଓ ଡଟ୍ ଦେଇ ଉତ୍ସାହିତ କରିଥିଲେ।

## ବିସ୍ଥାପିତ ସହାୟତା ରାଶି ହଡପ ଅଭିଯୋଗକୁ ଖଣ୍ଡନ କଲେ ଖାତାଧାରୀ ଓ ଅଂଶୀଦାର




ଖଡ଼ିଆଲ:(ମହାଭାରତ) ନୂଆପଡ଼ା ଜିଲ୍ଲା କୋମନା ଓ ଖଡ଼ିଆଳ ବ୍ଲକ ମଧ୍ୟଭାଗରେ ନିର୍ମିତ ତିଖାଲି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ସମସ୍ୟା ସମାଧାନ ବଦଳରେ ଦିନକୁ ଦିନ ବଢ଼ି ଚାଲିଛି । ଅନେକ ସମୟରେ ଲୋକେ ବିଭିନ୍ନ ସମସ୍ୟା ନେଇ କେବେ ପୁନର୍ବାସ ଥଇଥାନ ଓ ଭୁ ଅର୍ଜନ ଅଧିକାରୀ ଙ୍କ ପାଖକୁ ଯାଉଛନ୍ତି ତୋ କେବେ ଜିଲ୍ଲାପାଳ କାର୍ଯ୍ୟାଳୟ କୁ ଯାଉଛନ୍ତି । ଏହି ପ୍ରକଳ୍ପରେ ଦଶ ଗୋଟି ଗ୍ରାମ ସମ୍ପୂର୍ଣ ଭାବେ ବୁଡ଼ୀ ବା ସହ ଏକୋଇଶି ଗୋଟି ଗ୍ରାମ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ଏଥିରେ ଅନେକ ଲୋକ ନିଜ ଭିଟାମାଟି ହରାଇ ଆଜି ପର୍ଯ୍ୟନ୍ତ ବିସ୍ଥାପିତ ସହାୟତା ରାଶି ପାଇନଥିବା ଅଭିଯୋଗ ହୋଇଆସୁଛି। ଏଥି ମଧ୍ୟରେ ବିଭିନ୍ନ ଗ୍ରାମରୁ କେତେ ବେଳେ କିଏ ବିସ୍ଥାପିତ ସହାୟତା ରାଶି ପାଇନଥିବା ଅଭିଯୋଗ, କେତେବେଳେ କିଏ ଜମି ହରାଇ ସହାୟତା ରାଶି ପାଇନଥିବା ଅଭିଯୋଗ ତ ଆଉ କେତେ ବେଳେ ବିଭାଗୀୟ ଅଧିକାରୀଙ୍କ ସହ କିଛି ମୁଷ୍ଟିମେୟ ଦଲାଲ ମାନେ ମିଶିକି ବିସ୍ଥାପିତ ସହାୟତା ରାଶି ହଡ଼ପ କରୁଥିବା ଅଭିଯୋଗ ମଧ୍ୟ ହୋଇ ଆସୁଛି। ଏଭଳି ଏକ ଅଭିଯୋଗ ଆସିଥିଲା ଗତ ୨୪ ତାରିଖ ଦିନ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ । ଅଭିଯୋଗକାରୀଙ୍କ ଅନୁଯାଇ କୋମନା ଥାନା ପେଣ୍ଡରାବନ୍ଧ ମୌଜାର ଖାତା ନଂ ୧୬୧ରୁ ୧୫.୯୫ ଏକର ଜମି ଅଧିଗ୍ରହଣ ହୋଇଅଛି। ଯାହାକି ଆଜି ଯାଏଁ ଇଜମାଲିରେ ରହିଅଛି ହେଲେ ଏହି ଜମିର ଅନେକ ଖାତାଧାରିଙ୍କ ପ୍ରକଳ୍ପ ତିଆରି ପୂର୍ବରୁ ମୃତ୍ୟୁ ହୋଇ ସାରିଥିବାବେଳେ ସେହି ଖାତାର ଖାତା ଧାରୀ ଭାବରେ ପେଣ୍ଡରାବନ୍ଧ ଗାଁର ବଂଶୀଧର ମାଝୀ ଅଛନ୍ତି। ୧୪ ମଇ ୨୦୧୪ରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର ଚିଠି ନମ୍ବର ୧୩୮୧୪ରେ ଜମି ଅଧିଗ୍ରହଣ ଆଇନ ୨୮(ଏ) ଅନୁସାରେ ବିସ୍ଥାପିତ ବଂଶୀଧରଙ୍କ ନାଁରେ ୧ କୋଟି ୬ ଲକ୍ଷ ୯୮ ହଜାର ୫୬୦ ଟଙ୍କା ମଞ୍ଜୁର ହୋଇଆସିଛି । ବଂଶୀଧର ଙ୍କ ପରିବାର ଗତ କିଛି ବର୍ଷ ତଳେ ଜମି ଓ ଘର ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ହରାଇ ବିସ୍ଥାପିତ ହୋଇଥିଲେ। ତାପରେ ବଂଶୀଧର ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ କିଛି ମତାନ୍ତର ହେବାରୁ ପତ୍ନୀ ଶାନ୍ତି ମାଝୀ ଢୋର୍ଲାମୁଣ୍ଡାରେ ନିଜ ବାପ ଘରେ ନିଜର ୨ ଝିଅ ସହ ରହୁଆସୁଛନ୍ତି। ହେଲେ ବଂଶୀଧର ଝାଲକୁସୁମ ଗାଁରେ ରହନ୍ତି। ବର୍ତ୍ତମାନ ବିସ୍ଥାପିତ ଟଙ୍କା ବଂଶୀଧର ପାଇବାକୁ ଥିବା ବେଳେ ତାଙ୍କ ପତ୍ନୀ ଓ ଦୁଇ ଝିଅ ଆମେ ଉଚିତ ହିତାଧିକାରୀ ମୋର ସ୍ୱାମୀ ବଂଶୀଧରଙ୍କ ମାନସିକ ସ୍ଥିତି ବର୍ତ୍ତମାନ ଠିକ ନାହିଁ ତେଣୁ ବଂଶୀଧରଙ୍କ ନାମରେ ମଞ୍ଜୁର ହୋଇଥିବା ସମସ୍ତ ବିସ୍ଥାପିତ ସହାୟତା ରାଶି ମୋତେ ପ୍ରଦାନ କରାଯାଉ ବୋଲି ଅଭିଯୋଗ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ବଂଶୀଧର ତାଙ୍କ ନାମରେ ସ୍ତ୍ରୀ ମିଥ୍ୟା ଅଭିଯୋଗ ଆଣିଥିବା ନେଇ ଜିଲ୍ଲାପାଳ ଓ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଛନ୍ତି। ବଂଶୀଧରଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ ଭାବରେ ଠିକଠାକ ଥିବା କହିଛନ୍ତି ଓ ସ୍ତ୍ରୀ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ନାମରେ ମଞ୍ଜୁର ହୋଇଥିବା ବିସ୍ଥାପିତ ସହାୟତା ରାଶିକୁ ମୋତେ ପ୍ରଦାନ କରାଯାଉ ବୋଲି ଜିଲ୍ଲାପାଳ ଓ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀଙ୍କ ନିକଟରେ ବଂଶୀଧର ଦାବୀ କରିଛନ୍ତି। ସେପଟେ ଖାତା ନମ୍ବର ୧୬୧ ର ଅଂଶୀଦାର ରତନ ମାଝୀ, କର୍ଣ୍ଣ ମାଝୀ, ହରି ମାଝୀ, ନବୀନା ମାଝୀ, ଖମେ ମାଝୀ, ବୁଧଦେଇ ମାଝୀ, ଅଇଲେ ମାଝୀ, ସୁନାଦେଇ ମାଝୀ ସମସ୍ତେ ଗତ ତା ୦୧/୧୦/୨୦୨୪ ରିଖ ଦିନ ବଂଶୀଧରଙ୍କ ସପକ୍ଷରେ ଜିଲ୍ଲାପାଳଙ୍କୁ ଏକ ଲିଖିତ ମାଧ୍ୟମରେ ଦ୍ୱାରସ୍ଥ ହୋଇ ବଂଶୀଧରଙ୍କ ମାନସିକ ସ୍ଥିତି ସମ୍ପୁର୍ଣ୍ଣ ଠିକ ଅଛି ଆଉ ତାଙ୍କ ସ୍ତ୍ରୀ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଅଟେ ବୋଲି ଜିଲ୍ଲାପାଳ ପାଖରେ ଅଭିଯୋଗ କରିଛନ୍ତି। ବଂଶୀଧର ଯଦି ମାନସିକ ବିକୃତି ହୋଇଥାନ୍ତା ତାହେଲେ ଆମେ ସମସ୍ତେ ତାଙ୍କ ନାମରେ ସହାୟତା ରାଶି ମଞ୍ଜୁର ହେବା ପାଇଁ ସହମତି କିପରି ହୋଇଥାନ୍ତୁ ବୋଲି କହିଛନ୍ତି ଓ ଆବଶ୍ୟକ ଅନୁସାରେ ତଦନ୍ତ କରି ତୁରନ୍ତ ବଂଶୀଧରଙ୍କୁ ମଞ୍ଜୁର ହୋଇଥିବା ସମସ୍ତ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କେନ୍ଦ୍ରାପଡ଼ା(ମହାଭାରତ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଦୁହୁରିଆସ୍ଥିତ ରତ୍ନାକର ନୋଡାଲ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁମହୋତ୍ସବ ସୁରଭି -୨୦୨୪ ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜମଧର ଠାରେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରୀଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ସହ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପ୍ରମୋଦ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିଶୁମହୋତ୍ସବ ଶିଶୁମାନଙ୍କର ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବା ପାଇଁ ଏକ ଉପଯୁକ୍ତ କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡାଙ୍କ ସଂଯୋଜନାରେ ପରିଚାଳିତ ସୁରଭି କାର୍ଯ୍ୟକ୍ରମରେ ବରିଷ୍ଠ, କନିଷ୍ଠ, ବରିଷ୍ଠ (ଉଚ୍ଚ ମାଧମିକ ବିଦ୍ୟାଳୟ), ଉପ କନିଷ୍ଠ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନେଇ ବକ୍ତୃତା, ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ଗଣିତ ଦୌଡ, ଗଳ୍ପ କଥନ, ଚିତ୍ରକଳା, ହସ୍ତଶିଳ୍ପ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ, ଜମଧର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ଆ□ଳିକ ସାଧନକେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରୀଚରଣ ବାରିକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ବ୍ଲକ ସ୍ତରୀୟ ଶିଶୁମହୋତ୍ସବ ସୁରଭିରେ ଭାଗ ନେବାପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଦୁଃଶାସନ ରାଉତ, ରାଜେନ୍ଦ୍ର ସାହୁ, ଶିବନାରାୟଣ ମହାନ୍ତି, ଲିଳି ସାହୁ, ପାର୍ବତୀ ପରିଡା, ସେକ ଫୟାଜୁଦ୍ଦିନ, ରତ୍ନପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆଦିବାସୀ ନାବାଳିକାର ଗଣଧର୍ଷଣ ପ୍ରତିବାଦରେ ବିଶାଳ ମାଶାଲ ପଦଯାତ୍ରା
## ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର



ରାଇରଙ୍ଗପୁର(ମହାଭାରତ): ୧୪ ସେପ୍ଟେମ୍ବର ୨୦୧୪ ରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ଦୁବଲାବେଡା ଗ୍ରାମର ଏକ ଅନାଥ ଗରିବ ଆଦିବାସୀ ନାବାଳିକା ଝିଅକୁ କିଛି ଦୃର୍ବୃତ୍ତ ଗଣ ଦୁଷ୍କର୍ମ କରି, ଗୁରୁତର ଅବସ୍ଥାରେ ଏକ ବୁଦା ମୂଳରେ ଛାଡ଼ି ଚାଲି ଯାଇଥିଲେ। ତେବେ ପରେ ଗାଁ ଲୋକେ ନଜରକୁ ଆସିଥିଲା ଓ ଗାଁ ଲୋକେ ସଙ୍ଗେ ସଙ୍ଗେ ଝିଅ କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ମେଡ଼ିକାଲ ରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଡକ୍ଟର ଙ୍କ ରିପୋର୍ଟ ଓ ଝିଅ ର କହିବା ମୁତାବକ ନାବାଳିକା ଝିଅକୁ ଗଣ ଦୁଷ୍କର୍ମ ହୋଇଛି ବୋଲି ଜାଣିବାକୁ ପାଇଥିଲେ। ଝିଅ ର କହିବା ମୁତାବକ ଓ ରିପୋର୍ଟ ଅନୁଯାଇ ଘର ଲୋକେ ୨୨ ସେପ୍ଟେମ୍ବର ୨୦୧୪ ରେ ଗ୍ରାମାଞ୍ଚଳ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ରାଇରଙ୍ଗପୁର ପୋଲିସ ପ୍ରଶାସନ ଆଜି ପର୍ଯ୍ୟନ୍ତ ୨ ଜଣ ଅଭିଯୁକ୍ତ କୁ ଗିରଫ କରିଥିବା ବେଳେ, ବାକି ଅପରାଧୀ ଦିବା ଆଲୋକରେ ଘୁରି ବୁଲୁଥିବା ଜଣାପଡ଼ିଛି। ଉକ୍ତ ଘଟଣାକୁ ନେଇ ଆଜି ପୂର୍ବାହ୍ନ ୧୧ ଟା ସମୟରେ ବାବନଘାଟି ମିଳିତ ଆଦିବାସୀ ସଂଗଠନ ର ଆହ୍ୱାନ କ୍ରମେ ୧୦୦୦ ରୁ ଉର୍ଦ୍ଧ୍ୱ ମୟୂରଭଞ୍ଜ ଜିଲ୍ଲା ବାବନଘାଟିର,ସିଦହରା ସୁଶାର ଆଖଡ଼ା - ରାଇରଙ୍ଗପୁର,ଆସେକା ଓ ରାଇରଙ୍ଗପୁର,ବ୍ରା□ ଆସେକା - କୁସୁମୀ,ମାସ୍କ - କରଞ୍ଜିଆ, ଆଦିବାସୀ ମାଳିକ ମୁଣ୍ଡା ସଂଗଠନ, ବିର୍ସା ମୁଣ୍ଡା କମିଟି ଜାମଦା, ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ - ରାଇରଙ୍ଗପୁର,ମାଝୀ ପାରଗାନା ସାମାଜିକ ସଂଗଠନ, ରାଷ୍ଟ୍ରୀୟ ଆଦିବାସୀ ସଂଘର ସଦସ୍ୟ ସମେତ ସର୍ବଦଳୀୟ ରାଜନୈତିକ ଦଳ, ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କ ସମାଗମରେ ଖୋଡଖାଇ ନଦୀ କୂଳରୁ ଏକ ବିରାଟ ମାଶାଲ ପ୍ରତିବାଦ ପଦଯାତ୍ରା ରାଇରଙ୍ଗପୁର ବଜାର ପରିକ୍ରମା କରି ଉପଜିଲ୍ଲାପାଳ ଙ୍କ ଅଫିସ୍ ରେ ପହଞ୍ଚି ଥିଲେ। ଏହି ପଦଯାତ୍ରାରେ ରାଷ୍ଟ୍ରପତି, କେନ୍ଦ୍ର ସରକାର, ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନର ବିରୁଦ୍ଧରେ ନାରାବାଜି କରି, ପିଡିତଙ୍କୁ ନ୍ୟାୟ ପ୍ରଦାନ ଦାବି କରୁଥିବା ଦେଖିବାକୁ ମିଳିଥିଲା। ପରେ ଉପଜିଲ୍ଲାପାଳ ଙ୍କ ଗେଟ୍ ସମୁଖର ବିଭିନ୍ନ ସଂଗଠନ ଓ ଦଳରୁ ଆସିଥିବା ନେତୃବୃନ୍ଦ ତଥା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ପ୍ରାକ୍ତନ ଜିଲ୍ଲା ପରିଷଦ ସୁନିଲ ମାଝୀ,ଜେ ଏମ୍ ଏମ୍ ରାଜ୍ୟ ସଭାପତି ଅ□ଲି ସୋରେନ୍ ମାର୍ଣ୍ଡି,ମଟକା ବିରୁଆ, ତିରିଙ୍ଗ ଜିଲ୍ଲା ପରିଷଦ ପରେଶ୍ ମାର୍ଣ୍ଡି,ତିରିଙ୍ଗ ଅଧକ୍ଷ ପରମେଶ୍ୱର ସାମାଡ, ଯଶିପୁର ପ୍ରାକ୍ତନ ଚକ୍ରଧର ହେମ୍ବ୍ରମ,ସାଲୁ କିସ୍କୁ,ଜଟିଆ, ପାର୍ବତୀ ବିରୁଆ, ପ୍ରାକ୍ତନ ଅଧକ୍ଷା ଜେନାମଣି ସୁଣ୍ଡି,କମଳା ତିରିଆ, ନାରାୟଣ ମୁର୍ମୁ, ଦୁବରାଜ ନାଗ,ଜିତରାଇ ହାଁସଦା, ସୁନିଲ୍ ସୋରେନ୍,ରାମ ମୁର୍ମୁ,ମାସାଙ୍ଗ ହେମ୍ବ୍ରମ, ଦୁଃଖି ଶ୍ୟାମ ସୋରେନ୍, ଭଗବାନ ହେମ୍ବ୍ରମ, ଭାଗିରଥି ହେମ୍ବ୍ରମ, କାଳିଚରଣ ସୋରେନ୍,ମାସାଙ୍ଗ ଟୁଡୁ,କିନିରାମ ଆଲଦା,ଚନ୍ଦ୍ରାଇ ପିଙ୍ଗୁଆ ପ୍ରମୁଖ ନାବାଳିକା ଝିଅକୁ ନ୍ୟାୟ ପ୍ରଦାନ ଏବଂ ଦୋଷୀ କୁ ଶୀଘ୍ର ଗିରଫ କରି ଦଣ୍ଡାଦେଶ ଦେବା ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଶେଷ ତ ସବୁଠାରୁ ଲଜ୍ଜା ଓ ଦୁଃଖଦାୟକ ଘଟଣା ଯଦି ମହାମହିମ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ବା ଗାଁରେ ଝିଅ ବୋହୁ ସୁରକ୍ଷିତ ରହି ନ ପାରି,ଏଭଳି ଏକ ଅନାଥ ଆଦିବାସୀ ନାବାଳିକା ଝିଅକୁ ଦୁଷ୍କର୍ମ କରି ପୋଲିସ ପ୍ରଶାସନ ଅପରାଧୀଙ୍କୁ ଧରିବାରେ ବିଫଳ ଓ ପିଡିତଙ୍କୁ ନ୍ୟାୟ ମିଳି ପାରୁନାହିଁ, ତେବେ ଭାରତ ବର୍ଷରେ ନାରୀ, ମହିଳା ବା ଝିଅ କେତେ ସୁରକ୍ଷିତ ଅଛନ୍ତି ବୋଲି ବକ୍ତା ମାନେ ଉଲ୍ଲେଖ କରିଥିଲେ।

## ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର କର୍ମଶାଳା



ପାରାଦୀପ(ମହାଭାରତ): ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାରେ କ୍ଷେତ୍ରୀୟ ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାର ଏବଂ ସାମୁଦ୍ରିକ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନିକ ଅଧିକାରୀ, ପାରାଦୀପ ବନ୍ଦର, କଷ୍ଟମ ବିଭାଗ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ୍, ଓଡିଶା ପୋଲିସ,କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ,ମତ୍ସ୍ୟ ଓ କୃଷି ବିଭାଗ,ଅରଣ୍ୟ ବିଭାଗ ଏବଂ ଜିଲ୍ଲା ଚିକିତ୍ସା ବିଭାଗର ଅଧିକାରୀମାନେ ଏହି ଦୁଇ ଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଏହି ଦୁଇ ଦିନିଆ କର୍ମଶାଳାରେ କମାଣ୍ଡର ଉପମହାନିରୀକ୍ଷକ ସଂଜୟ ନେଗୀ ପୌରହିତ୍ୟ କରିଥିଲେ ।

## ଦୁର୍ଗାପୂଜା ଓ କାଳୀପୂଜା ପାଇଁ ଶାନ୍ତି କମିଟି ବୈଠକ

ଉଦଳା(ମହାଭାରତ ) ଆଗାମୀ ଶାରଦୀୟ ଦୁର୍ଗାପୂଜା ଏବଂ କାଳୀପୂଜା - ୨୦୨୪ କପ୍ତିପଦା ଉପଖଣ୍ଡରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ କପ୍ତିପଦା, ଉଦଳାଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ଅଧକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଉଦଳାର ବିଧାୟକ ଭାସ୍କର ମଢେଇ, ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା ଯୋଗ ଦେଇଥିବାବେଳେ ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ,ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଅନ୍ୟାନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ତଥା ବିଭିନ୍ନ ଗଣମାଧମର ପ୍ରତିନିଧି ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଡେପୁଟୀ କଲେକ୍ଟର ପ୍ରତୀକ୍ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ବିଗତ ବର୍ଷର ଶାନ୍ତି କମିଟି ବୈଠକ ବିବରଣୀ ଅନୁଯାୟୀ, ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ବୈଠକର ଆଲୋଚନା ମଧ୍ୟରେ ପୂଜାମଣ୍ଡପ, ତୋରଣ, ଅଗ୍ନି ନିରାପତ୍ତା, ବିଦ୍ୟୁତ୍କରଣ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ରାସ୍ତା ମରାମତି, ପରିଷ୍କାର ପରିଚ୍ଛନ୍ନ, ରାସ୍ତା ଆଲୋକିକରଣ, ଡ଼ାକବାଜୀ ଯନ୍ତ୍ର ବ୍ୟବହାର, ମାଦକ ଦ୍ରବ୍ୟ ବ୍ୟବହାର ନିୟନ୍ତ୍ରଣ, ରାବଣ ପୋଡ଼ି, ଏବଂ ମୂର୍ତ୍ତି ବିସର୍ଜନ ଆଦି ବିଷୟ ଉପରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ମାନ ଗ୍ରହଣ କରାଯାଇଥିଲା । ସମସ୍ତ ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା, ବିଦ୍ୟୁତ ସଂଯୋଗ ଏବଂ ଶାନ୍ତି ଶୃଙ୍ଖଳା ସହ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ପୂଜା କମିଟି କର୍ମକର୍ତ୍ତା ବିଶେଷ ଧ୍ୟାନ ଦେବାକୁ ମଞ୍ଚାସୀନ ସମସ୍ତ ୬ଅତିଥି ପରାମର୍ଶ ଦେଇଥିଲେ।

## ଏସଇଏମଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଉନଥିବା ଅଭିଯୋଗ

କେନ୍ଦ୍ରାପଡ଼ା, (ମହାଭାରତ): ଦଶିପୁର ଗ୍ରାମପଞ୍ଚାୟତର ଏସଇଏମ ଧିରେନ୍ଦ୍ର ଦାଶ ସୋମବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ଯେ ସେ ଗତ ୨୪.୦୭. ୨୦୧୭ମସିହା ଠାରୁ ଦଶିପୁର ପଞ୍ଚାୟତରେ ଏସଇଏମ ଭାବେ ନିଯୁକ୍ତି ପାଇ ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିବା ସହ ତାଙ୍କ ପାରିଶ୍ରମିକ ପାଇ ଆସୁଥିଲେ। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଗତ ୩୦ମାସ ହେବ ତାଙ୍କୁ ତାଙ୍କର ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ଫଳରେ ତାଙ୍କ ପରିବାର ଅତ୍ୟନ୍ତ ଅସୁବିଧା ଓ ବିଭିନ୍ନ ସମସ୍ୟା ମଧ ଦେଇ ଗତି କରୁଛି। ଏସମ୍ପର୍କରେ ସେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିଲେ ମଧ ସେମାନେ ଧିରେନ୍ଦ୍ରଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇନଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଚକ୍ଷୁ ନର୍ସିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁଛି ଟାଟା ଷ୍ଟିଲ ଫାଉଣ୍ଡେସନ



କଳିଙ୍ଗନଗର, (ମହାଭାରତ): କଳିଙ୍ଗନଗରର ଦାନଗଦୀ ଓ ସୁକିନ୍ଦା ଅଞ୍ଚଳର ଅବହେଳିତ ସମ୍ପ୍ରଦାୟର ଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ଏବଂ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) ପକ୍ଷରୁ ମିଳିତଭାବେ ଚକ୍ଷୁ ନର୍ସିଂ ଆସିଷ୍ଟା□ (ଓଏନଏ) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ କଳିଙ୍ଗନଗରର ଦାନଗଦୀ ଓ ସୁକିନ୍ଦା ବ୍ଲକର ୩୬ ଜଣ ଯୁବତୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହାର ଉଦ୍ଦେଶ୍ୟ କେବଳ ବୈଷୟିକ ଦକ୍ଷତା ଓ ଜ୍ଞାନ ପ୍ରଦାନ କରିବା ନୁହେଁ ବରଂ ଏହି ଯୁବତୀମାନଙ୍କ ପାଇଁ ନିୟମିତ ରୋଜଗାରର ପନ୍ଥା ସୃଷ୍ଟି କରିବା ଏବଂ ଚକ୍ଷୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭବିଷ୍ୟତ ଗିବାର ସୁଯୋଗ ପ୍ରଦାନ କରିବୟ ଚକ୍ଷୁ ନର୍ସିଂ ଆସିଷ୍ଟା□ (ଓଏନଏ) ପ୍ରଶିକ୍ଷଣ ସଫଳ ହେବା ପରେ ୧୧ ଜଣ ଯୁବତୀ ଭାରତର ପ୍ରସିଦ୍ଧ ଚକ୍ଷୁ କେନ୍ଦ୍ର ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) କେନ୍ଦ୍ରର ବିଭିନ୍ନ ଶାଖାରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଯେପରିକି ଓଡ଼ିଶାର ଭୁବନେଶ୍ୱରେ ସ୍ଥିତ ମିଥୁ ତୁଳସୀ ଚନରାଇ କ୍ୟାମ୍ପସ ଏବଂ ବ୍ରହ୍ମପୁର ସ୍ଥିତ ଅର୍ଜୁନ ଓ୍ୱାନି ଚକ୍ଷୁ କେନ୍ଦ୍ରରେ ନର୍ସ ଚାକିରୀ କରି ମାସକୁ ହାରାହାରି ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଆକାରରେ ରୋଜଗାର କରିପାରୁଛନ୍ତି। ଅର୍ଥନୈତିକ ଏବଂ ସାମାଜିକ ସ୍ତରରେ କଷ୍ଟକର ପୃଷ୍ଠଭୂମିରୁ ଆସିଥିବା ଏହି ଯୁବତୀମାନେ ନିଜେ ନିଜର ଜୀବିକା ଅର୍ଜନ କରିପାରୁଥିବାରୁ ସେମାନଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। କଳିଙ୍ଗନଗରର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ଯୁବତୀମାନେ ସେମାନଙ୍କ ଦୀର୍ଘସ୍ଥାୟୀ ଭବିଷ୍ୟତ ଗିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ସୁଯୋଗ ପାଇଛନ୍ତି।ଓଏନଏ କାର୍ଯ୍ୟକ୍ରମ ଶେଷ କରିବା ପରେ ଭୁବନେଶ୍ୱରର ମିଥୁ ତୁଳସୀ ଚନରାଇ କ୍ୟାମ୍ପସରେ ନର୍ସ ଭାବେ ଯୋଗ ଦେଇଥିବା ଡୁବୁରିର ଏକ ଦୁର୍ଗମ ଗାଁର ଲିଜାରାଣୀ ମହାନ୍ତ କୁହନ୍ତି, ପିଲାବେଳୁ ମୁଁ ଏପରି ଚାକିରି ପାଇବାର ସ୍ୱପ୍ନ ଦେଖିଥିଲି ଯାହା ମୋତେ ଲୋକଙ୍କୁ ସାହାଯ୍ୟ କରିବାରେ ସାହାଯ୍ୟ କରିବ। ନର୍ସ ଚାକିରୀ ସେହି ସ୍ୱପ୍ନ କୁ ପୂରଣ କରିପାରିଛି। ଯଦିଓ ଲୋକମାନେ ମୋତେ ପ୍ରଶିକ୍ଷଣ ନେବାରୁ ବାରଣ କରିଥିଲେ, ମୋ ପିତାମାତା ମୋର ଏହି ସ୍ୱପ୍ନକୁ ସମର୍ଥନ କରିଥିଲେ ଏବଂ ଆଜି ଯେତେବେଳେ ମୁଁ ଡାକ୍ତରମାନଙ୍କୁ ଲୋକଙ୍କ ଦୃଷ୍ଟି ଫେରାଇ ଆଣିବାରେ ସାହାଯ୍ୟ କରେ, ଏହା ମୋତେ ଆତ୍ମସନ୍ତୋଷ ପ୍ରଦାନ କରେ। ମୁଁ ଖୁସି ଯେ ମୁଁ ଓଏନଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଂଶ ହେଲି କ୍ଲାସରେ ଯୋଗ ଦେଲି ଏବଂ ଉପଯୁକ୍ତ ପ୍ରଶିକ୍ଷଣ ନେଲି - ଏହା ମୋ ଜୀବନର ଲକ୍ଷ ସ୍ଥଳରେ ପହଞ୍ଚାଇବାରେ ସାହାଯ୍ୟ କରିଛି । ଓଏନଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେଉଛି ଏକ ଦୁଇ ବର୍ଷର ପାଠ୍ୟକ୍ରମ ଯାହା ରୋଗୀ ସେବା, ଅସ୍ତ୍ରୋପଚାର ପ୍ରସ୍ତୁତି ଏବଂ ଉପକରଣ କାର୍ଯ୍ୟପଦ୍ଧତି ସମେତ ଅନ୍ୟାନ୍ୟ ବିଭିନ୍ନ ଚକ୍ଷୁ ଚିକିତ୍ସା ସେବାରେ ସାହାଯ୍ୟ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପ୍ରସ୍ତୁତ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ଦ୍ୱାରା ସୁପାରିଶ କରାଯାଇଥିବା ଟାସ୍କ ଶିଫ୍ଟିଂ' ଆଭିମୁଖ୍ୟ ପ୍ରତିକ୍ରିୟାରେ ବିକଶିତ ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କ ମଧ୍ୟରେ ଚକ୍ଷୁ ସ୍ୱାସ୍ଥ୍ୟସେବା ଭୂମିକାର ଅଧିକ ସମାନତା ସୃଷ୍ଟି କରିବା। ଝିଅମାନଙ୍କୁ ଚକ୍ଷୁ ବିଶେଷଜ୍ଞ, ନର୍ସ ଏବଂ ଅପ୍ଟୋମେଟ୍ରିଷ୍ଟମାନଙ୍କୁ ସାହାଯ୍ୟ କରିବାକୁ ସକ୍ଷମ କରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସେବାରେ ଦକ୍ଷ ବୃତ୍ତିଗତମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଭାବକୁ ପୂରଣ କରିବାକୁ ଚେଷ୍ଟା କରିବା ସହ ଚକ୍ଷୁ ରୋଗର ଅତ୍ୟାବଶ୍ୟକ ଯତ୍ନ ଏବଂ ଚିକିତ୍ସାରେ ସାହାଯ୍ୟ କରୁଛି। କାଉନସେଲିଂ, ଓରିଏ□ସନ୍, ଲିଖିତ ପରୀକ୍ଷା ଓ ସାକ୍ଷାତକାର ଭଳି କଠୋର ପ୍ରକ୍ରିୟା ପରେ ୨୦୨୫ ବ୍ୟାଚ୍ ପାଇଁ ଆଉ ୧୦ ଜଣ ଯୁବତୀଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଛି। ଓଏନଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯୁବତୀମାନଙ୍କୁ ନିଯୁକ୍ତିଯୋଗ୍ୟ ଦକ୍ଷତା, ଆତ୍ମ-ସଚେତନତା ଏବଂ ଆତ୍ମନିର୍ଭରଶୀଳ କରିବାର ସ୍ୱାଧୀନତା ପ୍ରଦାନ କରି ସ୍ୱାସ୍ଥ୍ୟସେବାରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ଟିଏସଏଫର ସମର୍ପଣ ଉପରେ ଆଲୋକପାତ କରେ ଏପରି ପଦକ୍ଷେପ ବ୍ୟକ୍ତିଗତ ପରିବର୍ତ୍ତନ ଠାରୁ ଅଧିକ - ଏହା ସମଗ୍ର ପରିବାର ଏବଂ ସମାଜକୁ ସଶକ୍ତ କରିଥାଏ, ଯୁବତୀମାନଙ୍କୁ ଦାରିଦ୍ର୍ୟତା ଦୂର କରି ସେମାନଙ୍କ ପରିବାରର ଉନ୍ନତି ଏବଂ ସେମାନଙ୍କ ସମ୍ପ୍ରଦାୟର ଅନ୍ୟମାନଙ୍କ ପାଇଁ ଆଦର୍ଶ ଭାବରେ ଗଢି ତୋଳୁଛି। ଯାହା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏକ ସ୍ଥାୟୀ ପରିବର୍ତ୍ତନର ଲହରୀ ସୃଷ୍ଟି ହୁଏ ।

## ଦଶିପୁର ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା(ମହାଭାରତ): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମପଞ୍ଚାୟତରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା କରାଯାଇଥିବା ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ପଞ୍ଚାୟତବାସୀମାନେ ଅଭିଯୋଗ କରିଛନ୍ତି ଯେ ସେହି ପାନୀୟ ଜଳ ପ୍ରକଳ୍ପରୁ ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବହୁତ ଧିର ଗତିରେ ଆସୁଥିବା ବେଳେ ଅନେକ ସ୍ଥାନରେ ପାଇପ୍ ଫାଟି ଯାଇଥିବା ଯୋଗୁଁ ଲୋକମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ପଞ୍ଚାୟତବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପଞ୍ଚାୟତବାସୀ ଅଭିଯୋଗ କରିବା ପରେ ବି କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବେଳେ ବରଂ ତୃଟିକୁ ଘୋଡାଇବା ପାଇଁ ଏସଇଏମଙ୍କୁ ଏହି ପ୍ରକଳ୍ପ ଚଳାଇବାକୁ ନଦେଇ ଅନ୍ୟଜଣଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ସ୍ୱଜଳଧାରା ପ୍ରକଳ୍ପଟିକୁ ଯାଞ୍ଚ କରାଯାଇ ଜନସାଧାରଣଙ୍କ ବୃହ□ର ସ୍ୱାର୍ଥ ଦୃଷ୍ଟିରୁ ପୁନଃ ନିର୍ମାଣ କରାଯିବା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ବିବେକାନନ୍ଦ ଦାଶ, ଅମୂଲ୍ୟ ମଳିକ, ବିରଞ୍ଚି ନାରାୟଣ ମଳିକ, ହରେକୃଷ୍ଣ ମଳିକ, ରମେଶ ମଳିକ, ଚଗଲା ମଳିକ, ଇଶ୍ୱର ମଳିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ଭେଟି ଅଭିଯୋଗ କରିଛନ୍ତି।

## ଲକ୍ଷାଧିକ ଟଙ୍କାର ବାଣ ଜବତ କଲା ବାଘମାରି ପୋଲିସ



ବେଗୁନିଆ,(ମହାଭାରତ):- ଦୀପାବଳୀ ପୂର୍ବରୁ ବାଣ ଗୋଦାମ ଉପରେ ବଡ ଧରଣ ର ଚଢାଉ କରିଛି ବାଘମାରୀ ପୋଲିସ। ଖୋର୍ଦ୍ଧା ରେ ନୂଆ ଏସପି ଙ୍କ ଦାୟିତ୍ୱ ଗ୍ରହଣ ପରେ ବେଆଇନ ବାଣ କାରବାର ଉପରେ ଏହା ହେଉଛି ବଡ ଧରଣ ରେଡ। ଆଗକୁ ଆଲୋକର ପର୍ବ ଦୀପାବଳୀ ଥିବାବେଳେ ଏହା ପୂର୍ବରୁ ଟ୍ରକ ଟ୍ରକ ବାଣକୁ ବେଆଇନ ଭାବେ ଗଛିତ ରଖାଯାଇଥିବା ବେଳେ ଆଜି ବାଘମାରୀ ପୋଲିସ ରେଡ ମାରିଥିଲା। ରେଡ ସମୟରେ ପାଖାପାଖି ଦୁଇ ଟ୍ରକ ବାଣକୁ ଜବତ କରିଥିବା ସୂଚନା ମିଳିଛି। ବାଘମାରୀ ପୋଲିସ ସହ ଖୋର୍ଦ୍ଧା ଏସଡିପିଓ ମିଳିତ ଭାବରେ ଚଢାଉ କରି ରେଡ କରିଥିବା ବେଳେ ବାଘମାରୀ ଥାନା ଲେଖନପୁର ଗାଁ ଠାରୁ ଅଳ୍ପ ଦୂର ଏକ ଘରୁ ଟ୍ରକ ଟ୍ରକ ବାଣ ଗଛିତ ରହିଥିଲା। ତାଙ୍କୁ ପୋଲିସ ଜବତ କରିଛି। ଦୀପାବଳୀ ପୂର୍ବରୁ ବେପାର ଜୋରଦାର ହେବାକୁ ଥିବା ବେଳେ ବାଣ ବେପାରୀ ମାନେ ଅନୁମତି ନଥାଇ ବାଣ ଗଛିତ ରଖିଥିଲେ। କେବେ ଲେଖନପୁର ଗାଁରେ ନକଲି ବାଣ ତିଆରି ର ଏକ କୁଟୀର ଶିଳ୍ପ ହୋଇ ଘରେ ଘରେ ବିନା ଅନୁମତିରେ ବାଣ ତିଆରି ହେଉଥିଲା। ଏହି ବାଣ ତିଆରି ବେଳେ ଗାଁରେ ବହୁ ବାର ଅଘଟଣ ଘଟି ଜୀବନ ଯାଇଛି। ତଥାପି ବାଘମାରୀ ପୋଲିସ କୁ ଚ୍ୟାଲେଜ କରି ଗ୍ରାମରେ ବାଣ ତିଆରି ଚାଲୁ ଥିଲା। ପୋଲିସ ଏହା ପୂର୍ବରୁ ସର୍ତକ ହୋଇ କିପରି ବଡ ଅଘଟଣ ରୁ ନଘଟେ ସେଥିପାଇଁ ପୂର୍ବରୁ ରେଡ ମାରି ଟ୍ରକ ଟ୍ରକ ବାଣକୁ ଜବତ କରି ସଫଳତା ହାସଲ କରିଛି।

## କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଦିଶା) କମିଟି ବୈଠକ

କଳାହାଣ୍ଡି/ମହାଭାରତ :ଭବାନୀପାଟଣା:- କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧକ୍ଷ ତଥା କଳାହାଣ୍ଡି ଲୋକସଭା ସାଂସଦ ଶ୍ରୀମତୀ ମାଳବିକା ଦେବୀଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ଶ୍ରୀ ପାଣ୍ଡ୍ୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ି,ଡି ଏଫ୍ ଓ,( ସାଉଥ) ଶ୍ରୀ କଲାଇ ଭାନାନ ଆର, ଡି ଏଫ୍ ଓ ( ନର୍ଥ) ଶ୍ରୀ ଅନୁରାଗ ମିଶ୍ର, ମାନ୍ୟବର ବିଧାୟକ ଧର୍ମଗଡ଼ ଙ୍କ ପ୍ରତିନିଧି ଶ୍ରୀ ହିମାଂଶୁ ପଣ୍ଡା,ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦିଲ୍ଲିପ କୁମାର ମହାରଣା,ପି ଡି, ଡୁଡା, ମୁନୀନ୍ଦ୍ର ହୋନନାଗା,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁଚେତା ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା,ଜିଲ୍ଲା ଯୋଗାଣ ଅଧିକାରୀ ପ୍ରବୀର କୁମାର ସାହୁ,ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ପୌରପାଳିକା,ବିଜ୍ଞାପିତ ଅଞ୍ଚଳ ପରିଷଦ,ଜିଲ୍ଲା ର ସମସ୍ତ ବ୍ଲକ ର ଅଧକ୍ଷ ପ୍ରମୁଖ ଯୋଗଦେଇ ଥିଲେ । ବୈଠକରେ ମୁଖ୍ୟତଃ ଏମ୍ ଜି ଏନ୍ ଆର୍ ଇ ଜି ଏ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ବଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ମାଣ ଶ୍ରମିକ, ମଧାହ୍ନ ଭୋଜନ, ସମଗ୍ର ଶିକ୍ଷା ମଧମ ଜଳସେଚନ ବିଭାଜନର ଆଗ୍ରଗତି, ମେଗା ପାନୀୟ ଜଳ ପ୍ରକଳ୍ପ ର ଅଗ୍ରଗତି, ଥୁଆମୂଳ ରାମପୁର ରାସ୍ତା,ଜାରିଙ୍ଗ ରୁ ବୃନ୍ଦା ବାହାଲ ରାସ୍ତା କାମ ର ଅଗ୍ରଗତି ଓ ତୁରନ୍ତ ସମ୍ପୂର୍ଣ୍ଣ କରିବା ଉପରେ ଆଲୋଚନା କରାଯାଇଥିଲା ବିଶେଷକରି ଗ୍ରାମୀୟ ଜଳଯୋଗାଣ ସଂସ୍ଥା, ପୂର୍ତ୍ତ ବିଭାଗ, ଗ୍ରାମୀୟ ନିର୍ମାଣ, ପଂଚାୟତ ରାଜ ଓ ପାନୀୟଜଳ ବିଭାଗ, ,ପିଏମଜିଏସୱାଇରାସ୍ତା, ପିଏମ ଆବାସ ଓ କୋଠାବାଡ଼ି ପଂଚାୟତିରକ୍ଷଜ,ନିର୍ମାଣ ଶ୍ରମିକ, ସମନ୍ୱିତ ଶିଶୁ ବିକାଶ, ଆଦି ବିଭାଗଗୁଡିକର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନ ଙ୍କ ସହିତ ସାଂସଦ ମାଳବିକା ଦେବୀ ଆଲୋଚନା କରିଥିଲେ । ବିଭିନ୍ନ ବିଭାଗର ଅସମ୍ପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପଗୁଡିକର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବ୍ଲକ ଅଧକ୍ଷ ମାନେ ନିଜ ନିଜ ବ୍ଲକ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସମସ୍ୟା ର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।ଏଥିରେ ଦିଶା କମିଟିର ସଦସ୍ୟସଦସ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦାନ କରି ଆଲୋଚନା ଅଂଶ ଗ୍ରହଣ କରିଥିଲେ।

## ଜାହାଜରେ ପଣ୍ୟ ଖଲାସ ବେଳେ ଅଘଟଣ- ଜାହାଜ ଉପରେ ଭାଙ୍ଗିପଡିଲା କ୍ରେନ୍



ପାରାଦୀପ(ମହାଭାରତ): ପାରାଦୀପରେ ଏକ ପଣ୍ୟବାହୀ ଜାହାଜରେ ପଣ୍ୟ ଖଲାସ କାର୍ଯ୍ୟ ଚାଲୁଥିବା ବେଳେ ପଣ୍ୟ ଖଲାସରେ ବ୍ୟବହୃତ କ୍ରେନ୍ ଭାଙ୍ଗି ପଡିଛି । ମିଳିଥିବା ସୂଚନାନୁସାରେ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ମଲ୍ଟି ପରପସ୍ ବର୍ଥ (ଏମପିବି)ରେ ଏଏନଏମଏସ ମହାଲକ୍ଷ୍ମୀ ନାମକ ଜାହାଜରେ ପଣ୍ୟ ଖଲାସ ହେଉଥିଲା । ପଣ୍ୟ ଖଲାସ କାର୍ଯ୍ୟରେ ସୋର କ୍ରେନ୍ ଦ୍ୱାରା ପଣ୍ୟ କରାଯାଉଥିଲା । ସୋର୍ କ୍ରେନ୍‌ଟି ପଣ୍ୟ ଜାହାଜରୁ ଉଠାଉଥିବା ବେଳେ ହଠାତ୍ କ୍ରେନ୍‌ର ବୁମ୍ ଜାହାଜ ଉପରେ ଭାଙ୍ଗି ପଡିଥିଲା । ଫଳରେ ଜାହାଜର ୭ ନମ୍ବର ହାଜ୍ କଭର (ଢାଙ୍କୁଣି) କ୍ଷତିଗ୍ରସ୍ତ ହୋଇଥିବା ନେଇ ସୂଚନା ମିଳିଛି । ବୋର୍ଥା ସିପିଙ୍ଗ କମ୍ପାନୀର ଏହି ସୋର କ୍ରେନ୍ ବୋଲି ଜଣା ପଡିଛି ।

# ନୀତୀଶ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ହୋଇଥିଲା ଘୋଡା ବେପାର: ଇଓୟୁ କଲା ପର୍ଦ୍ଦାଫାଶ୍

**ପାଟନା,୮।୧୦(ଏଜେନ୍ସି):** ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସରକାରଙ୍କୁ ଅସ୍ଥା ଭୋଟରେ ହରାଇବା ପାଇଁ ଘୋଡା ବେପାର କରାଯାଇଥିଲା । ହାୱାଲା ମାଧ୍ୟମରେ ଶାସକ ଦଳର ବିଧାୟକମାନଙ୍କୁ ଆଡଭାନ୍ସ ଟଙ୍କା ପଠାଯାଇଥିଲା । ଯଦି ନୀତିଶ କୁମାର ନେତୃତ୍ୱାଧୀନ ଏନଡିଏ ସରକାର ଆସ୍ଥା ଭୋଟରେ ହାରିଥାନ୍ତେ, ତେବେ ବିଧାୟକମାନଙ୍କୁ ବିପୁଳ ପରିମାଣର ଅର୍ଥ ପ୍ରଦାନ କରାଯାଇଥାନ୍ତା । ଅର୍ଥନୈତିକ ଅଫେନ୍ସ ୟୁନିଟ(ଇଓୟୁ )ର ଅନୁସନ୍ଧାନରେ ଏହାର ପର୍ଦ୍ଦାଫାଶ୍ ହୋଇଛି । ପାଟନାର କୋଟୱାଲି ପୁଲିସ ଷ୍ଟେସନରେ ପଞ୍ଜିକୃତ ହୋଇଥିବା ଏଫଆଇଆରରେ ଟଙ୍କା କାରବାର ସମ୍ପର୍କିତ ଯାଞ୍ଚ୍ ବେଳେ ଅର୍ଥନୈତିକ ଅପରାଧ ୟୁନିଟ୍ ଆଶ୍ଚର୍ଯ୍ୟଜନକ ପ୍ରମାଣ ପାଇଛି । ଇଓୟୁ ଏହାର ଅନୁସନ୍ଧାନ ରିପୋର୍ଟକୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ନିକଟରେ ଦାଖଲ କରିଛି । ଘୋଡା କାରବାର ସହ



ଜଡିତ ଏହି ମାମଲା ବର୍ତ୍ତମାନ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ଦ୍ୱାରା ଅନୁସନ୍ଧାନ କରାଯିବ। ଜଣାପଡିଛି ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଝାଡଖଣ୍ଡ ତଥା ନେପାଳରୁ ହାୱାଲା ମାଧ୍ୟମରେ ଶାସକ ଦଳର ବିଧାୟକଙ୍କୁ ଟଙ୍କା ପଠାଯାଇଥିଲା । ଇକୋନୋମିକ୍ ଅଫେନ୍ସ ୟୁନିଟ୍ ମଧ୍ୟ ବେଆଇନ କାରବାର ସହ ଜଡିତ ପ୍ରମାଣକୁ ଇଡିକୁ ହସ୍ତାନ୍ତର କରିଛି । ବିହାର ବିଧାନସଭା ନିର୍ବାଚନ ୨୦୨୦ ରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ ଜନାଦେଶ ପାଇଥିଲା । କିନ୍ତୁ ମଝିରେସେ ଗ୍ରାଣ୍ଡ ଆଲାଇନ୍ସ ସହ ସମ୍ପର୍କ ତୁଟାଇଥିଲେ । ଡିସେମ୍ବରରେ ଜନତା ଦଳ ୟୁନାଇଟେଡର ରାଷ୍ଟ୍ରୀୟ ରାଷ୍ଟ୍ରପତି ପଦରୁ ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂଙ୍କ ବିଦାୟ ପରେ ହଠାତ୍ ବିହାରରେ ରାଜନେତିକ ବାତାବରଣ ବଦଳିଗଲା ଏବଂ ଜାନୁଆରୀ ୨୮ରେ ପୁଣିଥରେ ଓଲଟପାଲଟ ହୋଇଗଲା । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଗ୍ରାଣ୍ଡ ଆଲାଇନ୍ସ ସରକାରଙ୍କ ସିଏମ ପଦରୁ ଇସ୍ତଫା ଦେଇଥିଲେ ଏବଂ କିଛି ଘଣ୍ଟା ପରେ ଭାରତୀୟ ଜନତା ପାର୍ଟିର ସମର୍ଥନ ପତ୍ର ଗ୍ରହଣ କରି ଏନଡିଏ ସରକାର ଗଠନ ପାଇଁ ଦାବି କରିଥିଲେ । ସରକାର ଗଠନ ହୋଇଥିଲା ଏବଂ ଆସ୍ଥା ଭୋଟ୍ ଫେବୃଆରୀ ୧୨ରେ ହୋଇଥିଲା । ଏହି ଅବଧି ମଧ୍ୟରେ ଘୋଡ଼ା ବେପାର କାରବାର କରାଯାଇଥିଲା।

# ୧୮ ମାସରେ ୨୭ ହଜାର କୋଟି ଋଣ କରିଛନ୍ତି ହିମାଚଳର କଂଗ୍ରେସ ସରକାର

**ନୂଆଦିଲ୍ଲୀ,୮।୧୦(ଏଜେନ୍ସି):** ହିମାଚଳ ପ୍ରଦେଶର କଂଗ୍ରେସ ସରକାର ୧୮ ମାସରେ ୨୭ ହଜାର କୋଟି ଋଣ କରିଛନ୍ତି । ଏନେଇ ସୋମବାର କହିଛନ୍ତି ବିଜେପି ସାଂସଦ ଅନୁରାଗ ଠାକୁର । ସୁଖବିନ୍ଦର ସିଂହ ସୁଖୁଙ୍କ ବିଧାନସଭା ମଣ୍ଡଳୀ ସମେତ ନିଜର ସଂସଦୀୟ କ୍ଷେତ୍ରରେ ଅନୁରାଗ ଠାକୁର ଏଭଳି ଦାବି କରିବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି । ଅନୁରାଗ ଠାକୁର କହିଛନ୍ତି ଯେ, 'ମାତ୍ର ୧୮ ମାସର କାର୍ଯ୍ୟକାଳରେ ରାଜ୍ୟ ସରକାର ୨୭ ହଜାର କୋଟିରୁ ଅଧିକ ଋଣ କରିଛନ୍ତି । କିନ୍ତୁ ରାଜ୍ୟର ଉନ୍ନତି ଲାଗି ସରକାରଙ୍କ ପାଖରେ କୌଣସି ଯୋଜନା ନାହିଁ । କଂଗ୍ରେସ



ସରକାର କିଛି ଦେଇ ନାହିଁ ବରଂ ଲୋକଙ୍କ ପାଖରୁ ଲଗାତାର ଅର୍ଥ ଆଦାୟ କରୁଛି ।' ସେ ଆହୁରି ଅଭିଯୋଗ କରିଛନ୍ତି, ସାରା ରାଜ୍ୟରେ ରାସ୍ତା ଖରାପ ହୋଇପଡ଼ିଛି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ବିଧାନସଭା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି । ସବୁ କ୍ଷେତ୍ରରେ ଆର୍ଥିକ ବୋଝ ଲଦି ହୋଇଯାଇଛି । ବିଜୁଳୀ, ରାସ୍ତା, ପାଣି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଋଣ ଭାର ବଢ଼ି ବଢ଼ି ଚାଲିଛି । ବିଜେପି ସରକାର ସମୟରେ ବିଜୁଳୀ ବିଲ୍ ଉପରେ ସବସିଡି ମିଳୁଥିବା ବେଳେ ଏହାକୁ ସମାପ୍ତ କରିଦେଇଛନ୍ତି କଂଗ୍ରେସ ସରକାର । ଏପରିକି ଗ୍ରାମୀଣ ଅଞ୍ଚଳରେ ଲୋକେ ପାଣି ବିଲ୍ ଦେଇ ନୟାନ୍ତ ହୋଇପଡ଼ିଲେଣି ବୋଲି ଅନୁରାଗ ଠାକୁର କହିଛନ୍ତି । ଅନ୍ୟପଟେ, ରାଜ୍ୟରେ ୧୬ ଲକ୍ଷ ୫୦ ହଜାର ଲୋକ ବିଜେପିର ସଦସ୍ୟତା ଗ୍ରହଣ କରିଥିବା ବେଳେ ଏହି ଧାରା ଜାରି ରହିଛି । ବିଜେପି ପାଇଁ ତାର କାର୍ଯ୍ୟକର୍ତ୍ତା ହିଁ ସବୁକିଛି ବୋଲି ଅନୁରାଗ ଠାକୁର ଦାବି କରିଛନ୍ତି ।

# କୋଶଳ କଳା ମଣ୍ଡଳ ସମୀକ୍ଷା କରିବେ ବିଧାୟକ

**ବଲାଙ୍ଗିର,(ନି.ପ୍ର):** ବଲାଙ୍ଗିର ଐତିହ୍ୟ ମନ୍ଦିର ଏବଂ କଳା ସଂସ୍କୃତି ର ଐତିହ୍ୟ ପୀଠ କୋଶଳ କଳା ମଣ୍ଡଳ ସୁରକ୍ଷା ପାଇଁ ଦେବାଳୟ ସୁରକ୍ଷା କମିଟି ବଲାଙ୍ଗିର ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । କୋଶଳ କଳା ମଣ୍ଡଳର ଉନ୍ନତି ପାଇଁ ୩ କୋଟି ୯୦ ଲକ୍ଷ ଟଙ୍କା ଆସିଥିବା ପୂର୍ବତନ ସରକାର ଥିବା ସମୟରେ ଆସିଥିଲା । ୬ ମାସ ବିତି ଯାଇଥିଲେ ମଧ୍ୟ ଅଧା ପନ୍ତରିଆ କାମ ପଡିରହିଛି ଏବଂ କମିଟି ୪ଟି ପ୍ରସ୍ତାବ ପ୍ରଦାନ କରାଯାଇଥିଲା । କୋଶଳ କଳା ମଣ୍ଡଳର ୭ଏକର ୨୦୦ ଡିସିମିଲ ଜମି ରେକର୍ଡ ରୁମ ଅନୁସାରେ ସୂଚନା ଜଣା ପଡିଥିବା ବେଳେ କେତେ ଜବରଦଖଲ ହୋଇଛି ତାର ସୁରକ୍ଷା ପାଇଁ ଦାବି, କୋଶଳ କଳା ମଣ୍ଡଳ କମିଟି ୯୯ ସାଲ ରୁ କମିଟି ୨୫ ବର୍ଷ ବିତି ଯାଇଥିଲେ ମଧ୍ୟ ନୂତନ କମିଟି ହୋଇନାହିଁ ଏବଂ ଜନପ୍ରତିନିଧି କମିଟି ରେ ସଦସ୍ୟ ହେବା ପାଇଁ ଦାବି, କୋଶଳ କଳା ମଣ୍ଡଳର ପୁରୁଣା ମଂଚ କୁ କୌଣସି ବ୍ୟବସାୟୀକରଣ କରାନଯାଉ, ୧୯୪୫ ମସିହାରୁ ୨୦୨୪ କୁ ଦେଖିଲେ ୮୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି, ।

# ପୁନଶ୍ଚ ପୃଥିବୀ ପୁରସ୍କାରରେ ପୁରସ୍କୃତ ଶିକରପାଇ ବିଦ୍ୟାଳୟ

**କଲ୍ୟାଣସିଂହପୁର,(ନି.ପ୍ର) :** ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକରପାଇ ପୁନଶ୍ଚ ପୃଥିବୀ ପୁରସ୍କାର ପାଇ ବଡ଼ ସଫଳତା ହାସଲ କରିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଇକୋ କ୍ଲବ ଶିକ୍ଷକ ତାପସ କୁମାର ଦଳାଇ ଓ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ଗିରି ମହୋଦୟ। ଏହି ପୁରସ୍କାର ଓଡ଼ିଶାରୁ ମାତ୍ର ତିନିଗୋଟି ବିଦ୍ୟାଳୟକୁ ଚୟନ କରାଯାଇ ପୁରସ୍କୃତ କରାଯାଇଛି ।ସେହି ବିଦ୍ୟାଳୟ ଗୁଡିକ ହେଲା କେନ୍ଦ୍ରାପଡା ଜିଲ୍ଲାର ବଳଭଦ୍ର ପୁର ରେ ଥିବା ବାଲୁଙ୍କେଶ୍ୱର ନୋଡାଲ୍ ବିଦ୍ୟାପୀଠ ,ସୁନ୍ଦରଗଡ ଜିଲା କୁତରା ରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକରପାଇ ଓ କେନ୍ଦ୍ର ପରିବେଶ ଶିକ୍ଷାକେନ୍ଦ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ସରକାରଙ୍କୁ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଯଥା ପରିବା ଚାଷ ,ଔଷଧୀୟ ବଗିଚା, ଜୈବିକ ଖତ ପ୍ରସ୍ତୁତ ,ବୃକ୍ଷରୋପଣ କାର୍ଯ୍ୟକ୍ରମ, ପରିବେଶ ଦିବସ ପାଳନ, ଶକ୍ତି ସଂରକ୍ଷଣ, ପ୍ଲାଷ୍ଟିକ ପୁନଃ କରଣ, ଚଢ଼େଇ ପାଇଁ ଦିନ ଟିଏ, ବୃକ୍ଷକୁ ରକ୍ଷା ବନ୍ଧନ ଉତ୍ସବ ପାଳନ, ମାଁ ପାଇଁ ଗଛଟିଏ ,ପ୍ରକୃତି ମିତ୍ର ପୁରସ୍କାର, ବନମହୋତ୍ସବ ସପ୍ତାହ , ଆଦ୍ର ଦିବସ ପାଳନ, ବିଶ୍ୱ



ହାତୀ ଦିବସ ପାଳନ, ଜନ୍ମଦିନରେ ବୃକ୍ଷର ଉପହାର, ଅଳିଆ ଆବର୍ଜନାରୁ ସୁନ୍ଦର ଉପକରଣ ପ୍ରସ୍ତୁତ, ଫୁଲ ବଗିଚା କରି ଓଡ଼ିଶାରେ ଚର୍ଚ୍ଚିତ ହୋଇଛନ୍ତି। ଏହି ପୁରସ୍କାରକୁ ପାଇବା ପାଇଁ ଭାରପ୍ରାପ୍ତ ଇକୋ କ୍ଲବ ଶିକ୍ଷକ ତାପସ କୁମାର ଦଳାଇ ଓ ଦଶମ ଶ୍ରେଣୀର ଛାତ୍ର ଦୀପକ ନାହକଙ୍କ ସମେତ ନବମ ଶ୍ରେଣୀର ଛାତ୍ର ସିନ୍ଧୁ ବିଶୋଇ। ଭୁବନେଶ୍ୱରରେ ସ୍ୱସ୍ତୀ ପ୍ରିମିୟମ ହୋଟେଲରେ ଆଡ଼ମ୍ବର ସମାରୋହରେ ସେହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ସଫଳତା ପାଇବା ପଛରେ କୁନି କୁନି ଶିକ୍ଷାର୍ଥୀ କଳିକା ଗଣ ଓ ଶିକ୍ଷକ ଶିକ୍ଷୟତ୍ରୀ, ଅନ୍ୟାନ୍ୟ କର୍ମଚାରୀ ସେହି ବିଦ୍ୟାଳୟକୁ ଭଲ ପାଉଥିବା ଅବସରପ୍ରାପ୍ତ ଶିକ୍ଷକ ସୁଦୀପ କୁମାର ସାହୁ , ଭୋଳାନାଥ ପ୍ରଧାନ, କମିଟିର ସଦସ୍ୟ ଓ ଗ୍ରାମବାସୀ ଙ୍କ ଦ୍ୱାରା ସଫଳ ହୋଇଅଛି। ଏହି ସମ୍ମାନିତକୁ ନେଇ ତାପସ ବକ୍ତବ୍ୟ ରଖିଛନ୍ତି ଖାଲି ରାଜ୍ୟସ୍ତରରେ ନୁହେଁ କେନ୍ଦ୍ରୀୟ ସ୍ତରରେ ମଧ୍ୟ ପୁରସ୍କାର ପାଇବା ପାଇଁ ଆଗାମୀ ଦିନକୁ ଅପେକ୍ଷା କରିଛନ୍ତି।

# ଜଟେସିଂହାରେ ହାଇସ୍କୁଲରେ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



**ବିରମହାରାଜପୁର,(ନି.ପ୍ର):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଜଟେସିଂହା ଉଚ୍ଚ ବିଦ୍ୟାଳୟରେ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସମ୍ପାଦକ ନାରାୟଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଓଷ୍ଟା ସଭ୍ୟ ଭୂଷଣ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅମୀୟ କୁମାର ମହାନ୍ତି, ଜିଲ୍ଲା ସଭାପତି ଅଖୋଜ କୁମାର ପଧାନ, ସମ୍ପାଦକ ସୁଶୀଲ କୁମାର ବିଶି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ସୁବଳୟା ଉଚ୍ଚ ବିଦ୍ୟାଳୟ ର ସଂସ୍କୃତ ଶିକ୍ଷକ ଚନ୍ଦ୍ରମଣି ବାଘ ସଭାପତି, ରଘୁନାଥ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ବେରିହା ଓ ପ୍ରତିଭା ବେଦବାକ ଉପସଭାପତି,ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ, କେନଝିରିଆପାଲି ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ସମ୍ପାଦକ, ଶାନ୍ତନୁ ମହାକୁର, ମଞ୍ଜୁଲତା ଜଗଦଲା ସହ ସମ୍ପାଦକ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ରଥ, ବୈକୁଣ୍ଠ ନାୟକ, ରାଜ୍ୟ ପରିଷଦ ସଭ୍ୟ ଭଞ୍ଜୀ କୁମାର ରାୟଙ୍କୁ ମନୋନୀତ କରାଗଲା। ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ବ୍ଲକ ସମ୍ପାଦକ ଜଟେ ସିଂହା ପ୍ରଧାନ ଶିକ୍ଷକ ତ୍ରିପୁରାରୀ ରଥ ଉପସ୍ଥିତଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଚାକିରୀରୁ ଅବସର ନେଇ ଥିବା ଶିକ୍ଷକ ମାନଙ୍କୁ ଓଷ୍ଟକ୍ଷ ତରଫରୁ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଖୋଜ କୁମାର ପଧାନ ସହକାରୀ, ଶିକ୍ଷକ ଉଜ୍ଜ୍ୱଳ ଚନ୍ଦ୍ର ପଧାନ, ନାରାୟଣ ରଥ, ଜଟେସିଂଘା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲଳେନ୍ଦ୍ର ତ୍ରିପାଠୀ, ବାଗବର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲମ୍ବୋଦର ପଧାନ ଏବଂ ପ୍ରଧାନ ଶିକ୍ଷକ ଅଞ୍ଜଳି ମିଶ୍ରଙ୍କୁ ସମ୍ମାନୀତ କରାଯାଇଥିଲା।

# ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ କରାଯିବାକୁ ରାଜ୍ୟପାଳଙ୍କୁ ଦାବି

**କେନ୍ଦ୍ରାପଡ଼ା,(ନି.ପ୍ର):** ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ କରାଯିବାକୁ ରାଜ୍ୟପାଳ ରଘୁବୀର ଦାସଙ୍କୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାତ୍ମାଗାନ୍ଧୀଙ୍କ ସାବରମତୀ ଆଶ୍ରମର ପ୍ରଥମ ଓଡିଆ ଛାତ୍ର, ଦୁଃଖିନୀ କନିକା ପୁସ୍ତକର ରଚୟିତା, କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଅତୁଳନୀୟ ଅବଦାନକୁ କେହି ଭୁଲିପାରିବେ ନାହିଁ। ବିପ୍ଳବୀଙ୍କ ସମ୍ପର୍କରେ ଗାନ୍ଧୀଜୀଙ୍କ 'ଇଙ୍ଗ ଇଣ୍ଡିଆ' ପତ୍ରିକାରେ ପ୍ରକାଶ ପାଇବା ପରେ ଭି. ଭି. ଗିରି, ଲାଲା ଲାଜପତ ରାୟ, ଚିତ୍ତରଞ୍ଜନ ଦାସ, ମଦନମୋହନ ମାଲବ୍ୟ ପ୍ରମୁଖ ହତ ଚକିତ ହୋଇପଡିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ୪୨ଏକର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବା ସହ ତାଙ୍କୁ ୧୯୪୬ମସିହାରେ ଖାଦ୍ୟରେ ବିଷ ମିଶାଇ ମାରି ଦିଆଗଲା। ଫଳରେ ଦେଶର ସ୍ୱାଧୀନତା ଦେଖିବାରୁ ସେ ବଞ୍ଚିତ ହୋଇଥିଲେ। ତାଙ୍କର ଏହି ଅମ୍ଳାନ ସ୍ମୃତିକୁ ବଜାୟ ରଖିବା ଏବଂ ଆମର ଭବିଷ୍ୟତର ଯୁବପିଢୀଙ୍କୁ ଏସମ୍ପର୍କରେ ଅବଗତ କରାଇବା ଉଦେଶ୍ୟରେ ତାଙ୍କର ଜୟନ୍ତୀ ରାଜ୍ୟ ସ୍ତରରେ ପାଳନ କରାଯିବା ଆବଶ୍ୟକ। ତେଣୁ ଭୁବନେଶ୍ୱରସ୍ଥିତ ୟୁନିଟ-୯ର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନରେ ରାଜ୍ୟ ସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସେଠାରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ଉପଦେଷ୍ଟା ତଥା ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ ରାଜ୍ୟପାଳ ଶ୍ରୀ ଦାସଙ୍କୁ ଭେଟି ବିପ୍ଳବୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ "ଅଗ୍ନିପୁତ୍ର ବପ୍ଳବୀ ଆନନ୍ଦ ଚନ୍ଦ୍ର" ପ୍ରଦାନ କରିଥିଲେ। ଏଥି ସହିତ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପୂର୍ବକ ଭୁବନେଶ୍ୱରରେ ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ କରାଯିବାକୁ ଦାବି କରାଯାଇଥିଲା। ସେଠାରେ ଉପସ୍ଥିତ ଥିବା ପୂର୍ବ ଓ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି, ପ୍ରଫେସର ଉପେନ୍ଦ୍ର ପାଢୀ, ପ୍ରଫେସର ନିହାରରଞ୍ଜନ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଙ୍ଘର ରାଜ୍ୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଦାୟାଦ ସଙ୍ଘର ବିରୁପାକ୍ଷ ତ୍ରିପାଠୀ, ଶିବନାରାୟଣ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ମିହୀର ପ୍ରତାପ ଦାସ, ରମେଶ କୁମାର ମହାନ୍ତି, ସଞ୍ଜୟ କୁମାର ଜେନା, କୁଳମଣୀ ରାଉତ, ଅଭୟ କୁମାର ବଡଜେନା, ଦୁଃଶାସନ ସ୍ୱାଇଁ, ଶ୍ରୀମତୀ ମାଲା ସିଂ, ବୈରାଗୀ ଚରଣ ନାୟକ, ଶ୍ୟାମ ପ୍ରସାଦ ପଟ୍ଟନାୟକ, ଉମାକାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ଗାନ୍ଧି ଜୟନ୍ତୀ କମିଟି ପକ୍ଷରୁ ଗାନ୍ଧିଜୟନ୍ତୀ ପାଳିତ

**ଭଦ୍ରକ,(ନି.ପ୍ର):** ଜିଲ୍ଲା ସ୍ତରୀୟ ଗାନ୍ଧି ଜୟନ୍ତୀ କମିଟି ଓ ରାଜ୍ୟ ସ୍ତରୀୟ ନିଶା ନିବାରଣ କମିଟି କ୍ଷରୁ ଗାନ୍ଧିଜୟନ୍ତୀ ସ୍ଥାନୀୟ ନାୟକ କଲୋନୀ ଗଜାନନ ପୂଜା ମଣ୍ଡ ଠାରେ ପାଳିତ ହୋଇଯାଇଛି କ୍ଷ କମିଟି ର ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଓ ସଂଯୋଜକ ଜାନକୀ ପାଢ଼ୀଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ଭାବେ ବାବା ଆଖଣ୍ଡଳମଣୀ ଉଚ୍ଚ ବିଦ୍ୟାଳୟ ର ଅଧକ୍ଷ ନିହାର ରଞ୍ଜନ କର, ମୁଖ୍ୟ ବକ୍ତା ଭାବେ ଇଂ ଅଭୟ ସୁତାର, ବରେଣ୍ୟ ଅତିଥି ଭାବେ ପଣ୍ଡିତ ଦୈତାରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଭୂମିକନ୍ୟା ମହିଳା ସଂଗଠନ ସଭାପତି ସଂଯୁକ୍ତା ବଳ ନାୟକ, ଜୀବନବିମା ଅଭିକର୍ତା ସଭାପତି ସନାତନ ଜେନା , କବି ରମେଶ ଚନ୍ଦ୍ର ସ୍ୱାଇଁ, ଜୀବନବିମା ଅଭିକର୍ତା ସଂଘ ସଭାପତି ସନାତନ ଜେନା, କାଉନ ସିଲର ଆଶିଷ ଅମିତାଭ ମହାପାତ୍ର



କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଶୁଭ୍ରଶ୍ମିତା ରାଉତ ପ୍ରମୁଖ ଯୋଗଦେଇ ଗାନ୍ଧିଜୀ ଜଣେ ସରଳ ଜୀବନର ପ୍ରତୀକ ଥିଲେ। ସେ ସମାଜର ଆର୍ଥିକ, ସାମାଜିକ, ରାଜନୈତିକ ସାଂସ୍କୃତିକ, ବିକାଶ ଲାଗି ସତ୍ୟ ଓ ଅହିଂସାର ପ୍ରୟୋଗ ଦିଗରେ ବ୍ରତୀ ଥିଲେ । ସତ୍ୟକୁ ଈଶ୍ୱରରୂପେ ଗ୍ରହଣ କରି ନିଜ କର୍ମକୁ ଉପାସନା ଭାବେ ସମର୍ପଣ କରିବା ତାଙ୍କ ଜୀବନ ଶୈଳୀର ବିଶେଷତ୍ୱ। ଚାଷ ହେଉଛି ଆମ ଦେଶର ମେରୁଦଣ୍ଡ। ଅଶୀ ଭାଗ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଚାଷ ମଉପରେ ନିର୍ଭରଶୀଳ । ତେଣୁ ଚାଷକୁ କୌଣସି କାରଣରୁ ହତାଦର କରିବା ଅତ୍ୟନ୍ତ ନିର୍ବୋଧତା । ସେଥିପାଇଁ ଗନ୍ଧିଜୀ ବହୁମୁଖୀ ସମବାୟ ବ୍ୟବସ୍ଥାର ପ୍ରବକ୍ତା ଥିଲେ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ ଲଗଜାନ କମିଟି ସମ୍ପକ୍ଷଦକ ଶିବା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ସାମାଜିକ କର୍ମୀ ତେଜଦାସ ଲକ୍ଷ୍ମୀ ଓ ରଶ୍ମିତା ଜେନା ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଚଟୁ ଆମିଷ, ବେଣ୍ଟ ନିରାମିଷ

# ବିଜେପି ନେତା ଓ ସମର୍ଥକଙ୍କୁ ଅଣଦେଖା, ମାହାଙ୍ଗା ବିଜେପି ପାଇଁ ହେବ ମହଙ୍ଗା !

**ନିଶ୍ଚିନ୍ତକୋଇଲି/ଭଦ୍ରେଶ୍ୱର,(ନି.ପ୍ର):** ଓଡିଆରେ ପ୍ରବାଦ ଅଛି ଚଟୁ ଆମିଷ ,ବେଂଟ ନିରାମିଷ। ଏହାର ଏକ ନଗ୍ନ ନମୁନା ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଜେପି ନେତା ଓ ସମର୍ଥକ ମାନଙ୍କୁ ବିଜେପିର ଉଚ୍ଚ ପଦାଧିକାରୀମାନେ କୋଣଠେସା ଓ ଅଣଦେଖା କରିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଆଗାମୀ ଦିନରେ ମାହାଙ୍ଗା ବିଜେପି ପାଇଁ ମହଙ୍ଗା ପାଲଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ କୁହାଯାଉଛି। ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ରାଜନୈତିକ ପାଣିପାଗକୁ ନେଇ ସଦା ସର୍ବଦା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ଗତ ସାଧାରଣ ନିର୍ବାଚନ ପରଠାରୁ ଭାଜପା ନେତା ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀ ସ୍ୱାଧିନ ବିଧାୟକଙ୍କ ସହ ସଭାସମିତି କରୁଥିଲେ ହେଁ ବିଧାନସଭା କ୍ଷେତ୍ରର ଭାଜପାନେତା ସୁମନ୍ତ ଘଡେଇ ଏକପ୍ରକାର କୋଣଠେସା ଓ ଅଣଦେଖା କରିଥିବାର ଚର୍ଚ୍ଚା ହେଉଛି। ସୁମନ୍ତ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜେପିର ସମସ୍ତ ସାଙ୍ଗଠନିକ କାର୍ଯ୍ୟ କରିବା ସହ କର୍ମକର୍ତାଙ୍କୁ ନେଇ ବିଭିନ୍ନ ସଭାସମିତି କରୁଥିବାର ଦେଖିବାକୁ ମିଳିଛି। ଅପରପକ୍ଷରେ ଗତ ବିଧାନସଭା ନିର୍ବାଚନରେ ବିଜେପି ବିରୁଦ୍ଧରେ ଖୁଲମ ଖୁଲା ଭାବେ ବିକ୍ଷୋଦଗାର କରିଆସୁଥିବା ମାହାଙ୍ଗାର ସ୍ୱାଧିନ



ବିଧାୟକ ସାରଦା ପ୍ରଧାନ ଗତ କିଛି ଦିନ ହେଲା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝି ,ମାନ୍ୟବର ବାଚସ୍ପତି ସୁରମା ପାଢୀ ,ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ,କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଆଣି ମାହାଙ୍ଗାରେ ନିଜ ଦବଦବା ଜାହିର କରିବାରେ ଲାଗିପଡିଛନ୍ତି। ବୁଧବାର ଦିନ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବ୍ଲକରେ ବିଜେଡିର ପ୍ରତାପ ଜେନା,ବିଜେପି ଯୁବନେତା ସୁମନ୍ତ ଘଡେଇ ନିଜ ନିଜ ସମର୍ଥକଙ୍କୁ ନେଇ ଶୋଭାଯାତ୍ରା ଓ ପଦଯାତ୍ରା କରି ଗାନ୍ଧୀଜୟନ୍ତୀ ପାଳିଥିବା ବେଳେ ମାହାଙ୍ଗାର ସ୍ୱାଧିନ ବିଧାୟକ ସାରଦା ପ୍ରଧାନ ମାହାଙ୍ଗା ବିକାଶ ପରିଷଦ ବ୍ୟାନରେ ପଦଯାତ୍ରା ଓ ଗାନ୍ଧୀ ଜୟନ୍ତୀ ପାଳନ କରିଥିଲେ। ଏହି ପଦଯାତ୍ରାରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ,ଯାଜ୍ଞସେନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଶୋଭାଯାତ୍ରା କଇଥାରୁ ବାହାରି ଭେଡା ପର୍ଯ୍ୟନ୍ତ ଯାଇଥିଲା।ଭେଡାରେ ୩ଟି ସ୍ଥାନରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିଭଳି ଭାବେ ଭାଜପା ପକ୍ଷରୁ ଭେଡାରେ ଜାତିର ପିତାଙ୍କ ଜନ୍ମ ଉତ୍ସବ ଭେଡାସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ନେତା ସୁମନ୍ତ ଘଡେଇ,ଅସୁରେଶ୍ୱର ମଣ୍ଡଳ ସଭାପତି ପ୍ରଣବ ବେହେରା, ମାହାଙ୍ଗା ମଣ୍ଡଳ ସଭାପତି ଅଶୋକ ସ୍ୱାଇଁ, କୁସୁପୁର ମଣ୍ଡଳ ସଭାପତି ଅହଲ୍ୟା ଜେନା, ଜୟପୁର ମଣ୍ଡଳ ସଭାପତି ସୁଶାନ୍ତ ମହାନ୍ତି, ଭଦ୍ରେଶ୍ୱର ମଣ୍ଡଳ ସଭାପତି ମଦନ ମୋହନ ଶତପଥି ପ୍ରମୁଖ ଯୋଗଦେଇଥିଲେ। ତେବେ ଗାନ୍ଧୀ ଜୟନ୍ତୀରେ ଦଳୀୟ କର୍ମକର୍ତାମାନେ ମାହାଙ୍ଗା ରାଜନୀତିରେ ସେମାନଙ୍କ ଦବଦବାକୁ ଜାହିର କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଏହି ବିଧାନ ସଭାକ୍ଷେତ୍ର ଅଧିନ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ପଂଚାୟତରେ ଶାସକ କିମ୍ବା ବିରୋଧି ପକ୍ଷରୁ କୌଣସି କାର୍ଯ୍ୟକ୍ରମ ହୋଇନଥିଲା। ତେବେ ଭାଜପାର ମୁଖ୍ୟ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ସରକାରଙ୍କୁ ସମର୍ଥନ ଦେଇଥିବା ସ୍ୱାଧିନ ବିଧାୟକଙ୍କ ସହ ସଭା ସମିତି କରୁଥିବା ବେଳେ ନିର୍ବାଚନର ୧୦୦ଦିନ ପରେ ମଧ୍ୟ ଭାଜପାର ଦଳୀୟ ବିଧାନ ସଭାପ୍ରାର୍ଥୀ ସୁମନ୍ତ ଘଡେଇଙ୍କ ସହ ରାଜ୍ୟର କୌଣସି ଛାମୁଆଁ ନେତା କି ମନ୍ତ୍ରୀ ମଣ୍ଡଳର କୌଣସି ମନ୍ତ୍ରୀଙ୍କୁ ଦେଖିବାକୁ ମିଳୁନାହିଁ। ସରକାରଙ୍କୁ ସମର୍ଥନ କରି ସ୍ୱାଧିନ ବିଧାୟକ ସାରଦା ରାଜ୍ୟ ସରକାରଙ୍କ ସହଯୋଗ ଓ ସମର୍ଥନ ପାଇ ମାହାଙ୍ଗାରେ ନିଜ ଦବଦବା ବଜାୟ ରଖିଥିବା ବେଳେ ମାହାଙ୍ଗା ବିକାଶ ପରିଷଦ ବ୍ୟାନରେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ଭାଜପା ନେତା ସୁମନ୍ତ ଘଡେଇଙ୍କୁ ସରକାର କିମ୍ବା ଦଳୀୟ କର୍ମକର୍ତାଙ୍କ ଅସହଯୋଗ କାରଣରୁ ସେ ଦଳୀୟ ସଙ୍ଗଠନକୁ ସଠିକ ଭାବେ ସୁଦୃଢ଼ କରିବାରେ ବିଫଳ ହେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ନିକଟରେ ମୁଖ୍ୟ ମନ୍ତ୍ରୀଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରସ୍ତ ସମୟରେ ସାରଦାଙ୍କ ସମର୍ଥକ ମାନେ ସୁମନ୍ତଙ୍କ ଗାଡି ଭଙ୍ଗାରୁଜା କରିବା ସହ ବାଟରୁ ଘଉଡାଇ ଦେବା ,ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସୁମନ୍ତଙ୍କୁ ଅଣଦେଖା କରାଯିବା ସହ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମାହାଙ୍ଗାରେ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖା ନମିଳିବା ଦଳର ପ୍ରକୃତ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟେପଟେ ଭାଜପା ସଭ୍ୟ ସଂଗ୍ରହ ଅଭିଯାନ ଚାଲିଥିବା ବେଳେ ସୁମନ୍ତ ଓ ପ୍ରଭାତୀଙ୍କ ମାହାଙ୍ଗାରେ ପୃଥକ ପୃଥକ କାର୍ଯ୍ୟକ୍ରମ ବିରୋଧିଙ୍କୁ ଖୋରାକ ଯୋଗାଇଛି। ଏହା ମାହାଙ୍ଗାର ରାଜନୈତିକ ପାଣିପାଗକୁ ରୋଚକ କରିଛି। ଅପରପକ୍ଷରେ ମାହାଙ୍ଗାରୁ ବିଜେପିକୁ ନିଶ୍ଚିହ୍ନ କରିବା ଦେବା ନିମନ୍ତେ ରାଜନୈତିକ ଷଡଯନ୍ତ୍ର ରଚାଯାଇଥିବାର ଚର୍ଚ୍ଚା ହେଉଛି। ରାଜ୍ୟ ବିଜେପି ସଭାପତି ସର୍ବୋପରି ମାନ୍ୟବର ମୁଖ୍ୟମନ୍ତ୍ରୀ ଏଦିଗରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ନିର୍ବାଚନରେ ମାହାଙ୍ଗା ବିଜେପି ପାଇଁ ମହଙ୍ଗା ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ରାଜନୈତିକ ବଡପଣ୍ଡାମାନେ ମତବ୍ୟକ୍ତ କରିଛନ୍ତି।

# ସ୍ୱଚ୍ଛତା ହିଁ ସେବା ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକ ତରଫରୁ ପାଳିତ

**ଭଦ୍ରକ,(ନି.ପ୍ର):** ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକ ଦ୍ୱାରା ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସରରେ ତା ୧୮-୦୯-୨୦୨୪ରିଖରେ ଭଦ୍ରକ ବସଷ୍ଟାଣ୍ଡ ପରିସରରେ ୨୦ତାରିଖରେ ଭଦ୍ରକ ରେଳ ଷ୍ଟେସନ ପରିସର, ୨୭ତାରିଖରେ ବାଗୁରାଇ ଆଦିବାସୀ କଲୋନି ଚତୁଃପାର୍ଶ୍ୱ ଏବଂ ଗାନ୍ଧୀ ଜୟନ୍ତୀ ଅବସରେ ଭଦ୍ରକ ଜନ ଶିକ୍ଷଣ ସଂସ୍ଥାନ ଅଫିସ ପରିସର ଜନ ଭାଗିଦାରୀ ଦ୍ୱାରା ଏବଂ ତାଲିମ୍ ନେଉଥିବା ହିତାଧିକାରୀମାନଙ୍କ ଦ୍ୱାରା ସଚେତନ ପାଇଁ ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ଏବଂ ଶପଥ ପାଠ କରାଯାଇଥିଲା। ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକର ନିର୍ଦ୍ଦେଶିକା ଆରତୀ ସାହୁଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିରେ ସମାଜସେବୀ ସଂଗ୍ରାମ କେଶରୀ ମହାନ୍ତି ଏବଂ ସାଲେହା ଖାତୁନ ପୁରୁଷୋତମ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଜନଶିକ୍ଷଣ ସଂସ୍ଥାନର ପ୍ରୋଗ୍ରାମ ଅଫିସର ମିଲୁ କୁମାର ମହାନ୍ତି, ଆସିଷ୍ଟାଂଟ ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର କୁମାର ସାହୁ, ଏକାଉଂଟସ ଅଫିସର ବିଶ୍ୱନାଥ ବେହେରା କମ୍ପ୍ୟୁଟର ଅପରେଟର ରଶ୍ମିରଞ୍ଜନ ସାହୁ ଏବଂ ଫିଲ୍ଡ ଅଫିସର ସବିତା ଯେନା ପରିଚାଳନାରେ ସହାୟତା କରିଥିଲେ।

# ଆଜି ଭାରତ-ବାଂଲାଦେଶ ଦ୍ୱିତୀୟ ଟି-୨୦




ନୂଆଦିଲ୍ଲୀ,୮।୧୦: ଭାରତ ଓ ବାଂଲାଦେଶ ମଧ୍ୟରେ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଭାରତ ସହଜରେ ବାଂଲାଦେଶକୁ ହରାଇଥିଲା। ପ୍ରଥମ ମୁକାବିଲାରେ ମୟଙ୍କ ଯାଦବ ଓ ନୀତିଶ ରେଡ୍ଡୀ ଭାରତ ପାଇଁ ପଦାର୍ପଣ କରିଥିଲେ।

ଆସନ୍ତାକାଲି ଦ୍ୱିତୀୟ ଟି-୨୦ ଜିତି ସିରିଜ୍ ଜିତିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ ଭାରତୀୟ ଦଳ। ଅନ୍ୟପଟେ ପ୍ରଥମ ପରାଜୟ ଭୁଲି ମ୍ୟାଚ୍ ଜିତି ସିରିଜ୍ ବରାବର କରିବାକୁ ଲକ୍ଷ୍ୟ ରଖିଛି ଭ୍ରମଣକାରୀ ବାଂଲାଦେଶ। ତେବେ କେମିତି ବହିବ ଅରୁଣ ଜେଟଲୀ ଷ୍ଟାଡିୟମର ପିଚ୍‌ର ସ୍ୱଭାବ ଓ କେମିତି ରହିପାରେ ଦୁଇ ଦଳର ଚୂଡ଼ାନ୍ତ ଏକାଦଶ ?

ଅରୁଣ ଜେଟଲୀ ଷ୍ଟାଡିୟମର ପିଚ୍ ସାଧାରଣତଃ ବ୍ୟାଟରଙ୍କ ପାଇଁ ଉପଯୋଗୀ ରହି ଆସିଛି। ଏଠାକାର ବାଉଣ୍ଡରୀ ଛୋଟ ଥିବାରୁ ବ୍ୟାଟରମାନେ ସହଜରେ ଚୌକା ଓ ଛକା ମାରିଥାନ୍ତି। ଆଇପିଏଲରେ ଏଠାରେ ରନ ବର୍ଷା ହୋଇଛି। ତେବେ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏହି ମଇଦାନରେ ପ୍ରଥମ ଇନିଂସରେ ହାରାହାରି ସ୍କୋର ୧୩୯ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ଦଳ ୧୩ଟି ମ୍ୟାଚ୍‌ରୁ ମାତ୍ର ୪ଟି ଜିତି ପାରିଛି।

ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ସବୁ ଦିଗରେ ଦମଦାର ପ୍ରଦର୍ଶନ କରିଥିଲା। ମୟଙ୍କ ଯାଦବ ଓ ନୀତିଶ ରେଡ୍ଡୀ ପଦାର୍ପଣ ମ୍ୟାଚ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ପ୍ରଥମ ମ୍ୟାଚ୍‌ର ପ୍ରଦର୍ଶନକୁ ଦେଖିଲେ ଦ୍ୱିତୀୟ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ସମ୍ଭାବନା କ୍ଷୀଣ ଲାଗୁଛି। ସୂର୍ଯ୍ୟକୁମାର ଯାଦବ ସେହି ସମାନ ୧୧ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବେ। ଅନ୍ୟପଟେ ବାଂଲାଦେଶ ଦଳରେ ଗୋଟିଏ ପରିବର୍ତ୍ତନ ହୋଇପାରେ। ପ୍ରଥମ ମ୍ୟାଚ୍‌ରେ ତସ୍କିନ ଅହମ୍ମଦ ଖୁବ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତେଣୁ ୨ୟ ଟି-୨୦ରେ ତାଙ୍କ ସ୍ଥାନରେ ତନଜିତ ହସନ ଶାକିବଙ୍କୁ ସ୍ଥାନ ମିଳିପାରେ।

**୨ୟ ଟି-୨୦ ପାଇଁ ସମ୍ଭାବିତ ଚୂଡ଼ାନ୍ତ ଏକାଦଶ**

ଅଭିଷେକ ଶର୍ମା, ସଞ୍ଜୁ ସାମସନ, ସୂର୍ଯ୍ୟକୁମାର ଯାଦବ, ନୀତିଶ ରେଡ୍ଡୀ, ହାର୍ଦ୍ଦିକ ପାଣ୍ଡ୍ୟା, ରିୟାନ ପରାଗ, ରିଙ୍କୁ ସିଂ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ, ମୟଙ୍କ ଯାଦବ।

**ବାଂଲାଦେଶ ଦଳର ସମ୍ଭାବିତ ଚୂଡ଼ାନ୍ତ ଏକାଦଶ**

ଲିଟନ ଦାସ, ପରଭେଜ ହୁସେନ, ନଜମୁଲ ହୁସେନ ସାଣ୍ଟୋ, ତୌହିଦ ହୃଦୟ, ମହମଦୁଲ୍ଲା, ଜାକର ଅଲ୍ଲୀ, ମେହେଦୀ ହସନ ମିରାଜ, ରିଶାଦ ହୁସେନ, ତନଜିତ ହସନ ଶାକିବ, ମୁସ୍ତାଫିଜୁର ରେହମାନ, ଶୋରିଫୁଲ ଇସଲ୍ଲାମ ।

# ଜୟସୁରିୟା ଶ୍ରୀଲଙ୍କା କ୍ରିକେଟ ଦଳର ଫୁଲ୍‌ଟାଇମ କୋଚ୍



କଲମ୍ବୋ,୮।୧୦: ପୂର୍ବତନ ଅଧିନାୟକ ସନଥ ଜୟସୁରିୟା ଶ୍ରୀଲଙ୍କା କ୍ରିକେଟ ଦଳର ଫୁଲ୍‌ଟାଇମ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୬ ଟି୨୦ ବିଶ୍ୱକପ୍ ଶେଷ ପର୍ଯ୍ୟନ୍ତ ରହିବ। ପୂର୍ବତନ ବାମହାତୀ ଓପନର ଜୁଲାଇ ଆରମ୍ଭରୁ ଶ୍ରୀଲଙ୍କାର କାମଚଳା କୋଚ୍ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଭାରତ ଓ ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପରେ ଶ୍ରୀଲଙ୍କା କ୍ରିକେଟ(ଏସ୍‌ଏଲସି) ତାଙ୍କୁ ଫୁଲ୍‌ଟାଇମ୍ କୋଚ୍ ଭାବେ ନିଯୁକ୍ତି ଦେବାଲାଗି ନିଷ୍ପତ୍ତି ନେଇଥିଲା। ଜୟସୁରିୟାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୨୭ ବର୍ଷ ପରେ ଭାରତ ବିପକ୍ଷରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଦ୍ୱିପାକ୍ଷିକ ସିରିଜ ଜିତିଛି। ଦଳ ୧୦ବର୍ଷରେ ଇଂଲଣ୍ଡ ବିପକ୍ଷରେ ଏକ ଆୱେ ଟେଷ୍ଟ ମ୍ୟାଚ ଜିତିପାରିଛି ନିକଟରେ ଶ୍ରୀଲଙ୍କା ନିଜ ଦେଶରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୨-୦ରେ ବିଜୟ ଲାଭ କରିଛି।

ଜୟସୁରିୟା କାମଚଳା କୋଚ୍ ଥିବା ବେଳେ ନିକଟରେ ଅନୁଷ୍ଠିତ ଭାରତ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟୁର୍‌ରେ ଦଳ ଭଲ ପ୍ରଦର୍ଶନ କରିଛି ଏହାକୁ ବିଚାର କରି ଶ୍ରୀଲଙ୍କା କ୍ରିକେଟର କାର୍ଯ୍ୟନିର୍ବାହୀ କମିଟି ଜୟସୁରିୟାଙ୍କୁ ଦଳର କୋଚ୍ ଭାବେ ନିଯୁକ୍ତି ଦେଇଥିବା ଏସ୍‌ଏଲସି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଜୟସୁରିୟାଙ୍କ ନିଯୁକ୍ତି ଅକ୍ଟୋବର ୧ରୁ କାର୍ଯ୍ୟକାରୀ ହେବ ଏବଂ ୨୦୨୬ ମାର୍ଚ୍ଚ ୩୧ରେ ଶେଷ ହେବ ଜୟସୁରିୟା ପୂର୍ବରୁ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଛନ୍ତି। ଅକ୍ଟୋବର ୧୩ରୁ ଦାମ୍ବୁଲାଠାରେ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜରେ ସେ ଫୁଲ୍‌ଟାଇମ କୋଚ୍ ଭାବେ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ।

# ହାଇବ୍ରିଡ୍ ମୋଡେଲ୍‌ରେ ଖେଳାଯିବ ଚାମ୍ପିଅନ୍ସ ଟ୍ରଫି !



ନୂଆଦିଲ୍ଲୀ,୮।୧୦: ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଖେଳାଯିବ। ଏଥିପାଇଁ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ନିଜର ପ୍ରସ୍ତୁତି ଜୋରଦାର କରିଛି। ତେବେ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ଯିବ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ। ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବ କି ନାହିଁ ତାର ନିଷ୍ପତ୍ତି କେନ୍ଦ୍ର ସରକାର ଉପରେ ଛାଡ଼ିଛି ବିସିସିଆଇ। ଏହା ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି କୁହାଯାଉଛି। ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ ମୋଡେଲ୍ ଆଧାରରେ ଖେଳାଯାଇପାରେ ଆଉ ଭାରତୀୟ ଦଳ ନିଜର ସମସ୍ତ ମ୍ୟାଚ୍ ୟୁଏଇରେ ଖେଳିପାରେ।

ଦ ଟେଲିଗ୍ରାଫର ରିପୋର୍ଟ ଅନୁସାରେ, ଭାରତୀୟ ଦଳ ନିଜର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଦୁବାଇରେ ଖେଳିପାରେ। ଏହି ଷ୍ଟାଡିୟମରେ ଦଳ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ବିପକ୍ଷରେ ନିଜର ମ୍ୟାଚ୍ ଖେଳିପାରେ। ଯଦି ଭାରତ ସେମି ଫାଇନାଲ୍ ଓ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରେ। ତେବେ ଆୟୋଜନସ୍ଥଳ ପରିବର୍ତ୍ତନ ହୋଇପାରେ। ନକଆଉଟ୍ ମ୍ୟାଚ୍ ବି ଦୁବାଇରେ ଖେଳା ଯାଇପାରେ। ଭାରତ ସେମି ଫାଇନାଲ୍ ଓ ଫାଇନାଲ୍ ନ ପହଞ୍ଚିଲେ ନକଆଉଟ୍ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ ଲାହୋରରେ ଖେଳାଯିବ।

ଡ୍ରାଫ୍ଟ କାର୍ଯ୍ୟସୂଚୀ ଅନୁସାରେ, ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ଓ ମାର୍ଚ୍ଚରେ ପାକିସ୍ତାନରେ ଖେଳାଯିବ। ନିର୍ଦ୍ଧାରିତ କ୍ରୀଡ଼ାସୂଚୀ ଅନୁସାରେ ସେମି ଫାଇନାଲ୍ ଓ ଫାଇନାଲ୍ ସହିତ ଭାରତର ସମସ୍ତ ମ୍ୟାଚ୍ ଲାହୋରରେ ଖେଳାଯିବ। ମାର୍ଚ୍ଚ ୧ ତାରିଖରେ ଭାରତ ବନାମ ପାକିସ୍ତାନ ମହାମୁକାବିଲା ଲାହୋରରେ ଖେଳାଯିବ। ରାଜନୈତିକ ସମସ୍ୟା କାରଣରୁ ଭାରତ ଓ ପାକିସ୍ତାନ ଦୀର୍ଘ ବର୍ଷ ହେବ ଦ୍ୱିପାକ୍ଷିକ ସିରିଜ୍ ଖେଳି ନାହାନ୍ତି। ଦୁଇ ଦଳ ଆଇସିସି ଓ ଏସୀୟ ଟୁର୍ଣ୍ଣାମେଣ୍ଟରେ ପରସ୍ପର ବିରୋଧରେ ଖେଳୁଛନ୍ତି ଭାରତ ଶେଷ ଥର ୨୦୦୮ରେ ପାକିସ୍ତାନ ଗସ୍ତ କରିଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ବର୍ଷ ପାକିସ୍ତାନରେ ଏସିଆ କପ୍ ୨୦୨୩ ଖେଳା ଯାଇଥିଲା। କିନ୍ତୁ ଭାରତ ପାକିସ୍ତାନ ଯିବାକୁ ଅରାଜି ହେବାରୁ ହାଇବ୍ରିଡ ମୋଡେଲ୍ ଆଧାରରେ ଏସିଆ କପ୍ ଖେଳା ଯାଇଥିଲା। ଭାରତ ନିଜର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା।

## ଶ୍ରୀଜେଶ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳର ମାର୍ଗଦର୍ଶକ

ନୂଆଦିଲ୍ଲୀ,୮।୧୦: ୭ବର୍ଷର ବ୍ୟବଧାନ ପରେ ନୂଆ ରୂପ ଏବଂ ନୂତନ ଢାଞ୍ଚାରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଥିବା 'ହକି ଇଣ୍ଡିଆ ଲିଗ୍'କୁ ମିଳିଛି। ତାରକାଙ୍କ ସମର୍ଥନ ପ୍ୟାରିସ୍ ଅଲିମ୍ପିକ୍ସ ପରେ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଥିବା ଭାରତର ମହାନ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଲିଗ୍‌ର ଅନ୍ୟତମ ନବାଗତ ଦଳ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳର ମାର୍ଗଦର୍ଶକ ନିଯୁକ୍ତ ହୋଇଛନ୍ତି। ଭାରତୀୟ ହକି ଦଳର ପୂର୍ବତନ ପ୍ରଶିକ୍ଷକ ଗ୍ରାହାମ ରିଡ୍ ଏବଂ ଭାରତୀୟ ମହିଳା ହକି ଦଳର ବୈଷୟିକ ଅନୁଶଳନ ପ୍ରଶିକ୍ଷକ ଡେଭ୍ ସ୍ମୋଲିନାର୍ସ ଯଥାକ୍ରମେ ଏହି ଫ୍ରାଞ୍ଚାଇଜର ପୁରୁଷ ଓ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆ ଲିଗ୍‌ର ପରବର୍ତ୍ତୀ ସଂସ୍କରଣ ଚଳିତବର୍ଷ ଡିସେମ୍ବର ୨୮ ତାରିଖରୁ ଫେବ୍ରୁଆରି ପହିଲା ମଧ୍ୟରେ ଓଡ଼ିଶାର ରାଉରକେଲା ଏବଂ ଝାଡ଼ଖଣ୍ଡର ରାଞ୍ଚିରେ ଖେଳାଯିବ।

# ଗମ୍ଭୀରଙ୍କ ପାଦ ଘଟିବା ଉଚିତ୍ ନୁହେଁ : ଗାଭାସ୍କର




ନୂଆଦିଲ୍ଲୀ,୮।୧୦: ଗୌତମ ଗମ୍ଭୀରଙ୍କ କୋଚିଂରେ ଟିମ ଇଣ୍ଡିଆ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଛି। ବିଶେଷକରି ବାଂଲାଦେଶ ବିପକ୍ଷ କାନପୁର ଟେଷ୍ଟରେ ଟିମ ଇଣ୍ଡିଆ ଜବରଦସ୍ତ ଢଙ୍ଗରେ ଜିତିଥିଲା। ଏହି ମ୍ୟାଚରେ ପ୍ରଥମ ତିନି ଦିନ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ଏହା ପରେ ଶେଷ ଦୁଇ ଦିନରେ ସମ୍ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା ଏବଂ ଏହା ସତ୍ତ୍ୱେ ଟିମ ଇଣ୍ଡିଆ ଏହି ମ୍ୟାଚ ଜିତିଥିଲା। ଏହି ବିଜୟ ପରେ ଅନେକ ଲୋକ ଗୌତମ ଗମ୍ଭୀରଙ୍କ କୋଚିଂ ଏବଂ ତାଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। କିନ୍ତୁ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ରିକେଟର୍ ସୁନୀଲ ଗାଭାସ୍କର ସେହି ଲୋକଙ୍କୁ ଭର୍ତ୍ସନା କରିଛନ୍ତି। ସୁନୀଲ ଗାଭାସ୍କର ସେହି ଲୋକଙ୍କୁ ପରାମର୍ଶ ଦେଇଛନ୍ତି, ସେମାନେ ଗୌତମ ଗମ୍ଭୀରଙ୍କ ପାଦକୁ ଘଟିବା ଉଚିତ୍ ନୁହେଁ।

ନିକଟରେ ସୁନୀଲ ଗାଭାସ୍କର ଏକ ସ୍ତମ୍ଭ ଲେଖିଛନ୍ତି ଏଥିରେ ସେ ଲେଖିଛନ୍ତି, ଟିମ ଇଣ୍ଡିଆର ଆକ୍ରମଣାତ୍ମକ ଚିନ୍ତାଧାରା ପାଇଁ ରୋହିତ ଶର୍ମାଙ୍କୁ ଶ୍ରେୟ ଦିଆଯିବା ଉଚିତ୍। ଏଥିପାଇଁ ଗମ୍ଭୀରଙ୍କୁ ଶ୍ରେୟ ଦେବା ଠିକ୍ ନୁହେଁ। ଅଯଥା ତାଙ୍କ ପାଦ ଘଟିବା ଅନାବଶ୍ୟକ। ଗମ୍ଭୀର କୋଚ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଦୁଇ ମାସ ବିତିଗଲାଣି। ସେ ନିଜେ ମ୍ୟାକକୁଲମଙ୍କ ଷ୍ଟାଇଲ୍‌ରେ ଦ୍ରୁତ ଗତିରେ ବ୍ୟାଟିଂ କରି ନ ଥିଲେ ରୋହିତ ଶର୍ମା ନିଶ୍ଚିତ ଭାବରେ ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନ। ସେ ନିଜ ପାଇଁ ନୁହେଁ ବରଂ ଦଳ ପାଇଁ ବ୍ୟାଟିଂ କରନ୍ତି। କାନପୁର ଟେଷ୍ଟର ପ୍ରଥମ ଇନିଂସରେ ରୋହିତ ହିଁ ବାଂଲାଦେଶ ଉପରେ ଆକ୍ରମଣ କରିଥିଲେ ଏବଂ ଏହା ପରେ ସମସ୍ତ ଭାରତୀୟ ବ୍ୟାଟ୍ସମ୍ୟାନ ସମାନ ଢଙ୍ଗରେ ବ୍ୟାଟିଂ କରିଥିଲେ।

ସୁନୀଲ ଗାଭାସ୍କର ମଧ୍ୟ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, କାନପୁର ଟେଷ୍ଟରେ ବିଜୟ ସହ ଟିମ ଇଣ୍ଡିଆ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ପହଞ୍ଚିବା ପାଇଁ ଆବଶ୍ୟକ ପଏଣ୍ଟ ପାଇଛି। ଏହି ମ୍ୟାଚ ଜିତିବା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଦଳ ଜାଣିଥିଲା ସେହି ଅନୁସାରେ ଖେଳିଲା ଗାଭାସ୍କରଙ୍କ ଅନୁଯାୟୀ, ଯଦି ଏହା ହୋଇନଥାନ୍ତା ତେବେ ସେ ବ୍ୟକ୍ତିଗତ ରେକର୍ଡ ପାଇଁ ଖେଳିଥାନ୍ତେ। ତେଣୁ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଭଳି ଟୁର୍ନାମେଣ୍ଟ ଆୟୋଜନ କରିବା ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ ଏହା ଟେଷ୍ଟ କ୍ରିକେଟ୍‌କୁ ନୂଆ ଜୀବନ ଦେଇଛି।

## ସୁଲତାନ ଜୋହର କପ୍: ଭାରତୀୟ ଦଳରେ ଓଡ଼ିଶାରୁ ୩

ଭୁବନେଶ୍ୱର,୮।୧୦: ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତା ଲାଗି ଭାରତୀୟ କନିଷ୍ଠ ଦଳ ଘୋଷିତ ହୋଇଛି। ଏହି ୧୮ ଜଣିଆ ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ଅନମୋଲ ଏକ୍କା, ମୁକେଶ ଟୋପ୍ପୋ, ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ଭାର ଅମିର ଅଲ୍ଲୀଙ୍କୁ ମିଳିଥିଲା ବେଳେ ରୋହିତ ଉପଅଧିନାୟକ ଅଛନ୍ତି। ସୁଲତାନ ଜୋହର କପ୍‌ର ଦ୍ୱାଦଶ ସଂସ୍କରଣ ମାଲେସିଆରେ ଚଳିତ ମାସ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତ ଉଦ୍‌ଘାଟନୀ ଦିବସରେ ଜାପାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ୨୦ରେ ଗ୍ରେଟ୍‌ବ୍ରିଟେନ୍, ୨୨ରେ ମାଲେସିଆ, ୨୩ରେ ଅଷ୍ଟ୍ରେଲିଆ, ୨୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଲିଗ୍ ମ୍ୟାଚ୍ ଖେଳିବ। ଗ୍ରୁପ୍ ପର୍ଯ୍ୟାୟର ଶୀର୍ଷ ଦୁଇ ଦଳ ୨୬ ତାରିଖ ଫାଇନାଲ୍‌ରେ ମୁହାଁମୁହିଁ ହେବେ।

## ଭାଜପା ଗଡ଼ରେ ବାଜି ମାରିନେଲେ ଭିନେଶ



ଚଣ୍ଡିଗଡ଼,୮।୧୦: ହରିୟାଣା ୨୦୨୪ ବିଧାନସଭା ନିର୍ବାଚନର ମତଗଣନା ମଙ୍ଗଳବାର କରାଯାଉଛି। ରାଜ୍ୟର ଜିନ୍ଦ ଜିଲାର ହଟ୍ ସିଟ୍ ମଧ୍ୟରେ ରହିଥିବା ଜୁଲାନା ଆସନରୁ କଂଗ୍ରେସ ଟିକେଟରେ ଲଢ଼ୁଥିବା ବିବାଦୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ୍ ବିଜୟୀ ହୋଇଛନ୍ତି। ପ୍ରାରମ୍ଭିକ ଟ୍ରେଣ୍ଡରେ ପଛରେ ଥିଲେ ବି ଭାଜପା ପ୍ରାର୍ଥୀ ଯୋଗେଶ ବୈରାଗୀଙ୍କୁ ସେ ୬୦୦୦ ଭୋଟରେ ପରାଜିତ କରିଛନ୍ତି।ଏଥିସହ ଦଳ ୧୯ ବର୍ଷ ପରେ ପ୍ରଥମ ଥର ଲାଗି ଏହି ଆସନରେ ଜିତି ଇତିହାସ ରଚିଛି। ଶେଷଥର ଲାଗି ଦଳ ୨୦୦୫ରେ ଜିତିଥିଲା। ଜିନ୍ଦ ଜିଲା ଅନ୍ତର୍ଗତ ୫ ବିଧାନସଭା ଆସନ ରହିଛି ସମସ୍ତ ଆସନରେ ପ୍ରାୟ ୬୬.୦୨% ମତଦାନ ହୋଇଥିଲା ପ୍ରାରମ୍ଭିକ ଟ୍ରେଣ୍ଡ ଆରମ୍ଭ ହେବା ପରଠାରୁ ଭିନେଶ ପଛୁଆ ରହିଥିଲେ। କହିରଖୁଛୁ, ଭିନେଶ ଏବଂ ବଜରଙ୍ଗ ପୁନିଆ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଧାରଣା ଦେବାକୁ ନେଇ ଚର୍ଚ୍ଚାରେ ରହିଥିଲେ ପରେ ଅବସର ନେଇ ଭିନେଶ କଂଗ୍ରେସରେ ହଠାତ ଯୋଗ ଦେବା ପରେ ଦଳ ଜୁଲାନା ଆସନରୁ ତାଙ୍କୁ ପ୍ରାର୍ଥୀ କରିଥିଲା।

# ବିଶ୍ୱ କ୍ରିକେଟର ନୂଆ ପେସ୍ କିଙ୍ଗ



ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ରବିବାର ଗ୍ୱାଲିୟରରେ ଖେଳା ଯାଇଥିବା ପ୍ରଥମ ଟି-୨୦ ମ୍ୟାଚରେ ବାଂଲାଦେଶକୁ ସହଜରେ ପରାସ୍ତ କରିଛି। ଭାରତ ଉଭୟ ବୋଲିଂ ଓ ବ୍ୟାଟିଂରେ ଦମଦାର ପ୍ରଦର୍ଶନ କରି ଭ୍ରମଣକାରୀ ବାଂଲାଦେଶକୁ ୭ ୱିକେଟରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ମୟଙ୍କ ଯାଦବ ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଆଇପିଏଲରେ ନିଜର ଗତି ବଳରେ ସଭିଙ୍କ ଧ୍ୟାନ ଆକର୍ଷଣ କରିଥିବା ମୟଙ୍କ ଯାଦବ ନିଜର ପଦାର୍ପଣ ମ୍ୟାଚ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ଏହି ଦ୍ରୁତ ବୋଲର ୪ ଓଭରରେ ୨୧ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଛନ୍ତି ।

ବିଶେଷକରି ବାଂଲାଦେଶ ବିପକ୍ଷ ପ୍ରଥମ ଟି-୨୦ରେ ମୟଙ୍କ ଯାଦବ ନିଜ ଗତିରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ଯାହାପରେ କ୍ରିକେଟ ପ୍ରଶଂସକ ମୟଙ୍କଙ୍କୁ ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତରଙ୍କ ସହ ତୁଳନା କରିଛନ୍ତି। ତେବେ ଆସନ୍ତୁ ଜାଣିବା ମୟଙ୍କ ଯାଦବ ରାୱଲପିଣ୍ଡି ଏକ୍ସପ୍ରେସ ନାମରେ ପ୍ରସିଦ୍ଧ ଶୋଏବଙ୍କଠୁ କେମିତି ଭିନ୍ନ ? ଏହି ଯୁବ ଉଦୀୟମାନ ଦ୍ରୁତ ବୋଲରଙ୍କଠାରେ କଣ ରହିଛି ବିଶେଷତ୍ୱ ?

ଶୋଏବ ଅଖତର ନିଜ ଦ୍ରୁତ ବୋଲିଂ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। କିନ୍ତୁ ବଲ ଉପରେ ତାଙ୍କର ନିୟନ୍ତ୍ରଣ ଭଲ ନଥିଲା । ଯେଉଁଥିପାଇଁ ବ୍ୟାଟରମାନେ ଏହି ବୋଲରଙ୍କ ବିପକ୍ଷରେ ସହଜରେ ରନ୍ ସ୍କୋର କରୁଥିଲେ। ଏହା ବ୍ୟତୀତ ଶୋଏବ ଅଖତର ତାଙ୍କ ବୋଲିଂ ସମୟରେ ୱାଇଡ୍ ଏବଂ ନୋ ବଲ ସହ ସଂଘର୍ଷ କରୁଥିଲେ। କିନ୍ତୁ ମୟଙ୍କ ଯାଦବଙ୍କର ବଲ୍ ଉପରେ ଭଲ ନିୟନ୍ତ୍ରଣ ରହିଛି। ବଲ୍ ଉପରେ ଉତ୍କୃଷ୍ଟ କଣ୍ଟ୍ରୋଲ୍ ଯୋଗୁଁ ବ୍ୟାଟରମାନେ ତାଙ୍କ ବଲ୍‌ରେ ସହଜରେ ରନ୍ କରି ପାରୁ ନାହାନ୍ତି।

ଶୋଏବ ଅଖତରଙ୍କର ଫିଟନେସ୍ ଭଲ ନଥିଲା। ସେ ତାଙ୍କ କ୍ୟାରିଅରରେ ଆହତ ସମସ୍ୟାରେ ପୀଡିତ ରହୁଥିଲେ। ଫଳରେ ଏହି ଦ୍ରୁତ ବୋଲରଙ୍କୁ ଅନେକ ସମୟରେ ପାକିସ୍ତାନୀ ଟିମରୁ ଦୂରେଇ ରହିବାକୁ ପଡୁଥିଲା। ଭାରତୀୟ ଦ୍ରୁତ ବୋଲର ମୟଙ୍କ ଯାଦବଙ୍କ ବିଷୟରେ କହିବାକୁ ଗଲେ ସେ ଆଇପିଏଲରେ ଆଘାତ ପାଇବା ପରେ ମଧ୍ୟ ପଡ଼ିଆକୁ ଫେରିଛନ୍ତି। କିନ୍ତୁ ଶୋଏବ ଅଖତରଙ୍କ ଅପେକ୍ଷା ମୟଙ୍କଙ୍କ ଫିଟନେସ ଭଲ ରହିଛି। ଏହି କାରଣରୁ ମୟଙ୍କ ଯାଦବଙ୍କ କ୍ୟାରିୟର ଭଲ ଏବଂ ଲମ୍ବା ହୋଇପାରେ।

ରିପୋର୍ଟ ଅନୁଯାୟୀ ଶୋଏବ ଅଖତର ତାଙ୍କ ଖେଳ ପ୍ରତି ଦାୟିତ୍ୱବୋଧ ନଥିଲେ। ସେ ନେଟ୍ ପ୍ରାକ୍ଟିସ୍ ଏବଂ ଅନ୍ୟ ପେଶାଦାର ଦିଗ ପ୍ରତି ଆଗ୍ରହ ଦେଖାଉ ନଥିଲେ। ଏହି କାରଣରୁ ତାଙ୍କୁ ଅନେକ କଷ୍ଟ ଭୋଗିବାକୁ ପଡିଛି।କିନ୍ତୁ ମୟଙ୍କ ଯାଦବ ଜଣେ କଠିନ ପରିଶ୍ରମୀ ବୋଲର ମୟଙ୍କ ଯାଦବ ନେଟ୍ ପ୍ରାକ୍ଟିସ୍‌ରେ ବହୁତ ପରିଶ୍ରମ କରିଥାନ୍ତି।

## ରିଲାଏନ୍ସ ସହ ତ୍ରୁଟିପୂର୍ଣ୍ଣ ଚୁକ୍ତି ପାଇଁ ଆଇଓସିର ୨୪ କୋଟି କ୍ଷତି

ନୂଆଦିଲ୍ଲୀ,୮।୧୦: ରିଲାଏନ୍ସ ଇଣ୍ଡିଆ ଲିମିଟେଡ୍ (ଆର୍‌ଆଇଏଲ୍) ସହିତ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓସି)ର ତ୍ରୁଟିପୂର୍ଣ୍ଣ ପ୍ରାୟୋଜକ ଚୁକ୍ତି ପାଇଁ ଏହି ଜାତୀୟ କ୍ରୀଡ଼ା ସଂଘକୁ ୨୪ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ସିଏଜି ରିପୋର୍ଟ ଅନୁସାରେ, ୨୦୨୨ ଅଗଷ୍ଟ ୧ ତାରିଖରେ ଉଭୟ ସଂସ୍ଥାଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏସୀୟ କ୍ରୀଡ଼ା (୨୦୨୨, ୨୦୨୬), ରାଜ୍ୟଗୋଷ୍ଠୀ କ୍ରୀଡ଼ା (୨୦୨୨, ୨୦୨୬), ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ଓ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଆର୍‌ଆଇଏଲ୍‌କୁ ଆଇଓଏ ସହିତ ଯୋଡ଼ି ହେବା ପାଇଁ ଚୁକ୍ତି ମାଧ୍ୟମରେ ଅଧିକାର ମିଳିଥିଲା। ଏଥିପାଇଁ ଅଲିମ୍ପିକ୍ସ ସମୟରେ ଆର୍‌ଆଇଏଲ୍ ପ୍ୟାରିସ୍‌ରେ ଇଣ୍ଡିଆ ହାଉସ୍ ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ୨୦୨୩ ଡିସେମ୍ବର ୫ ତାରିଖରେ ଏକ ସଂଶୋଧିତ ଚୁକ୍ତି କରାଯାଇ ଆରଆଇଏଲ୍‌କୁ ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା (୨୦୨୬, ୨୦୩୦) ଓ ଯୁବ ଅଲିମ୍ପିକ୍ କ୍ରୀଡ଼ା (୨୦୨୬, ୨୦୩୦) ପାଇଁ ମଧ୍ୟ ଅନୁମତି ମିଳିଛି।

## ଫିଲ୍ଡିଂ କଲେ ବ୍ୟାଟିଂ କୋଚ୍

ନୂଆଦିଲ୍ଲୀ,୮।୧୦: ସାଉଥ୍ ଆଫ୍ରିକା ଏବଂ ଆୟରଲ୍ୟାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଅନୁଷ୍ଠିତ ହୋଇଛି। ଏହି ସିରିଜର ଶେଷ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା ଗଜବ ଦୃଶ୍ୟ ଯାହା କେବଳ ଦର୍ଶକ ନୁହେଁ ହାଜର ହଜାର ଲୋକେ ବି ହୋଇପଡିଥିଲେ ତାଜବ୍ରୁ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଦୃଶ୍ୟ ସିରିଜ୍‌ର ଶେଷ ମ୍ୟାଚ୍‌ରେ ଦୁଇ ଟିମ୍ ଆବୁଧାବୀର ଶେଖ୍ ଜାୟଦ୍ ଷ୍ଟାଡିୟମ୍‌ରେ ମୁହାଁମୁହିଁ ହୋଇଥିଲେ। ଏହି ମୁକାବିଲା ମଧ୍ୟରେ ସାଉଥ୍ ଆଫ୍ରିକାର ବ୍ୟାଟିଂ କୋଚ୍ ହଠା୍ ମୈଦାନରେ ମାରିଥିଲେ ଏଣ୍ଟ୍ରି ।




ସୂଚନା ଥାଉକି, ୟୁଏଇରେ ପ୍ରବଳ ଗରମ ହେତୁ ଜନଜୀବନ ଅସ୍ୟବ୍ୟସ୍ତ ହୋଇପଡିଛି ଫଳରେ ଏହି ଗରମରେ ଛଟପଟ ହେଉଛନ୍ତି ସାଉଥ୍ ଆଫ୍ରିକା ଖେଳାଳି ଫଳରେ ଖେଳାଳିଙ୍କୁ ଆରାମ ଦେବାକୁ ଯାଇଁ ଟିମ୍ ପାଖରେ କମିଛି ଖେଳାଳିଙ୍କ ସଂଖ୍ୟା ଫିଲ୍ଡରେ ବି ଫିଲ୍ଡର କମିଛନ୍ତି ତେବେ ଏହାକୁ ଦେଖିବା ପରେ ମୈଦାନକୁ ଏଣ୍ଟ୍ରି ମାରିଥିଲେ ପୂର୍ବତନ ଦକ୍ଷିମ ଆଫ୍ରିକା ଖେଳାଳି ଜେ.ପି ଡୁମିନି କହିବାକ ଗଲେ ଡୁମିନି ବର୍ତ୍ତମାନ ଟିମ୍‌ର ବ୍ୟାଟିଂ କୋଚ୍ ଅଛନ୍ତି ମୁକାବିଲା ମଧ୍ୟରେ ଫିଲ୍ଡିଂ କରିଥିଲେ ଆଉ ଯାହା ଟିମ୍‌କୁ ବେଶ ସହାୟତା ହୋଇଥିଲା ।

ଜେପି ଡୁମିନି, ୫ ବର୍ଷ ତଳେ ଅନ୍ତରାଷ୍ଟ୍ରୀୟ ଖେଳରୁ ନେଥିବା ସନ୍ୟାସ ଏହାରି ଭିତରେ ତାଙ୍କୁ ପୁଣିଥରେ ଖେଳ ମୈଦାନରେ ଦେଖିବାକୁ ମିଳିଛି ଖାସ୍ କରି ଫିଲ୍ଡିଂ କରି ସେ ସାଥୀ ଖେଳାଳିଙ୍କୁ ଚିଅର ଅପ୍ କରିଥିଲେ ୨୦୧୯ରେ ଅନ୍ତରାଷ୍ଟ୍ରୀୟ କ୍ରିକେଟରୁ ସନ୍ୟାସ ନେଇଥିବା ଡୁମିନି ସାଉଥ୍ ଆଫ୍ରିକା ପାଇଁ ଖେଳିଛନ୍ତି ୪୬ ଟେଷ୍ଟ, ୧୯୯ ଦିନିକିଆ, ଏବଂ ୮୧ ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ